## ସଂକ୍ଷେପରେ

### ଭତ୍ତା ନେବାକୁ ଆସି ଆଖି ବୁଜିଲେ

କାଳିପଦା (ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ) ୧୬।୪

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଅଫିସକୁ ମଙ୍ଗଳବାର



ସକାଳେ ଭତ୍ତା ନେବାକୁ ଆସିଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟିସାହି ଗ୍ରାମର ଉପେନ୍ଦ୍ର ଭୂୟାଁ (୮୦)। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସେ ଭୋର ସମୟରେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ ମଧ୍ୟ ସେହିଠାରେ ହିଁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ମେ' ଓ ଜୁନ୍ ମାସର ଭତ୍ତା ଟଙ୍କା ହିତାଧିକାରୀମାନଙ୍କୁ ଘରେ ଦେବାର ବ୍ୟବସ୍ଥା ପାଇଁ ସାଧାରଣରେ ଦାବି ହେଉଛି।

### ନଦୀରୁ ଯୁବକଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ରୂପସା, ୧୬।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା କୁଳିଦା ପଞ୍ଚାୟତ ଅଧୀନ ଗୋଡ଼ିଖାଲ ନିକଟ ନଦୀରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତ ଯୁବକ ହେଲେ ଯୁଣବଳଦା ଗ୍ରାମର ବାପି ମାରାଣ୍ଡି(୩୧)। ସୂଚନା ଅନୁଯାୟୀ, ବାପି ସୋମବାର ରାତ୍ରିଭୋଜନ ସାରି ଶୋଇଥିଲେ। ମଙ୍ଗଳବାର ଭୋର୍ ସମୟରେ ବାପିଙ୍କୁ ଘରେ ନ ଥିବା ଦେଖି ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ଶେଷରେ ପୁଅର ମୃତଦେହ ବାଡ଼ି ପଛ ନଦୀଘାଟର ୫ ଫୁଟ ପାଣି ଭିତରେ ଭାସୁଥିବା ଦେଖି ଗ୍ରାମବାସୀ ଓ ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତିଙ୍କୁ ଖବର ଦେଇଥିଲେ। ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ବସ୍ତା ଅଗ୍ନିଶମ ବାହିନୀ ଓ ଅମର୍ଦ୍ଦାରୋଡ଼ ଫାଣ୍ଡିକୁ ଖବର ଦେଇଥିଲେ। ବସ୍ତା ଅଗ୍ନିଶମ ବିଭାଗ କେନ୍ଦ୍ରାଧିକାରୀ ପ୍ରତାପ ପାଲ ସଦଳବଳେ ସେଠାରେ ପହଞ୍ଚି ନଦୀରୁ ମୃତଦେହ ଜବତ କରିଥିଲେ। ଫାଣ୍ଡି ଅଧିକାରୀ ସନ୍ଦୀପ କୁଜୁର ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଅପରପକ୍ଷରେ ନଦୀର ମାତ୍ର ଆଣ୍ଠୁଏ ପାଣିରେ ବାପିଙ୍କ ମୃତଦେହ ପଡିଥିବାରୁ ପୁଅକୁ ହତ୍ୟା କରାଯାଇଥିବା ବାପିଙ୍କ ମା' ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୨୪) ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

**ବସ୍ତା ନିର୍ବାଚନମଣ୍ଡଳୀ**

### ଶ୍ରୀକାନ୍ତଙ୍କ ପାଇଁ ଫାଇଦା ଉଠାଇବେ ବିଜନ

କାଳୀପଦା, ୧୬।୪(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ଚଳିତ ସାଧାରଣ ନିର୍ବାଚନ ରୋଚକ ମୋଡ଼ରେ ପହଞ୍ଚିଛି। ହେଭିୱେଟ ଶ୍ରୀକାନ୍ତ ଜେନାଙ୍କୁ କଂଗ୍ରେସ ଏମ୍‌ପି ପ୍ରାର୍ଥୀ କରିବା ପରେ ରାଜନୈତିକ ସମୀକରଣ ଭିନ୍ନମୋଡ଼ ନେଇଛି। ଗତ ନିର୍ବାଚନ ଭଳି ଏଥର ମଧ୍ୟ ଏଠାରେ ତ୍ରିମୁଖୀ ଲଢ଼େଇ ହେବାକୁ ଯାଉଛି। ଶ୍ରୀକାନ୍ତଙ୍କ ବ୍ୟକ୍ତିତ୍ୱ ଓ କାମ କରିବାର ତରିକା ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର। ୨୦୦୯ରେ ଶ୍ରୀକାନ୍ତ ବାଲେଶ୍ୱର ସଂସଦୀୟ କ୍ଷେତ୍ରରୁ ବିଜୟୀ ହୋଇ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ତାଙ୍କ ସମୟରେ ବାଲେଶ୍ୱରରେ ଆଖିଦୃଶିଆ ଅନେକ ବିକାଶମୂଳକ କାମ ହୋଇଥିଲା। ଶ୍ରୀକାନ୍ତ ପ୍ରାର୍ଥୀ ହେବା ପରେ ଜିଲାର କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ଗୁରୁତ୍ୱ ବଢ଼ିଯାଇଛି। ବିଶେଷ କରି ବସ୍ତା ନିର୍ବାଚନମଣ୍ଡଳୀରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଶ୍ରୀକାନ୍ତଙ୍କ ପାଇଁ ବସ୍ତାରେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇଥିବା ବିଜନ ନାୟକ ଫାଇଦା ଉଠାଇବେ ବୋଲି କୁହାଯାଉଛି। ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ ବିଜନଙ୍କ ଭୋଟହାର ବଢ଼ିବ ବୋଲି ଆଲୋଚନା ହେଉଛି। ଦକ୍ଷିଣ ବାଲିଆପାଳ ଅଞ୍ଚଳରେ ବନ୍ଦର ଓ ପେଟ୍ରୋ କେମିକାଲ ପ୍ରୋଜେକ୍ଟ ଯୋଗୁ ବିଜେଡି ବିରୋଧରେ ଜନମତ ରହିଛି। ଉତ୍ତର ବାଲିଆପାଳ ଅଞ୍ଚଳରେ ରବୀନ୍ଦ୍ର ଅଣ୍ଡିଆଙ୍କ ସଙ୍ଗଠନ ଯାହା ଜଣାପଡୁଛି ବିଜନଙ୍କୁ ହିଁ ଫାଇଦା ଦେବ। ଅବଶ୍ୟ ବସ୍ତାର ୧୭ଟି ପଞ୍ଚାୟତ ପୂର୍ବତନ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ଉପରେ ଅନେକ ମାତ୍ରାରେ ନିର୍ଭର କରେ। ଯଦି ସେ ବିଜେଡିକୁ ପୁରା ମାତ୍ରାରେ ସମର୍ଥନ କରନ୍ତି ତା'ହେଲେ ବିଜେଡି ଏସବୁ ପଞ୍ଚାୟତରେ ଭଲ ପ୍ରଦର୍ଶନ କରିବ। ତେବେ ଭାଜପାରୁ କିଏ ପ୍ରାର୍ଥୀ ହେଉଛି ତାହା ଉପରେ ସମସ୍ତ ଅଙ୍କ ନିର୍ଭର କରିବ ବୋଲି କୁହାଯାଉଛି।

**ବାଇକ୍‌ରେ ବିଶ୍ୱ ଭ୍ରମଣ ନିଶା**

# ଶାନ୍ତି ବାର୍ତ୍ତା ନେଇ ବାଲେଶ୍ୱରରୁ ଲଣ୍ଡନ




କୃଷ୍ଣଚନ୍ଦ୍ରଙ୍କ ବାଇକ୍ ଯାତ୍ରା ଶୁଭାରମ୍ଭ ସମୟରେ ଉପସ୍ଥିତ ଲୋକେ।

ବାଲେଶ୍ୱର, ୧୬।୪(ମାନସ ବିଶ୍ୱାଳ)

ବାଇକ୍‌ରେ ବିଶ୍ୱଭ୍ରମଣର ନିଶା। ଅଦମ୍ୟ ସାହସ ଓ କିଛି ଗୋଟାଏ ନୂଆ କରି ଦେଖାଇବାର ଆଗ୍ରହ ତାଙ୍କୁ ବିଶ୍ୱରେ ଶାନ୍ତିର ବାର୍ତ୍ତା ପ୍ରଚାର କରିବାକୁ ପ୍ରେରଣା ଯୋଗାଇଛି। ବାଲେଶ୍ୱର ସହରର ଜଣାଶୁଣା ଯୁବକ ତଥା ବ୍ୟବସାୟୀ କୃଷ୍ଣଚନ୍ଦ୍ର ଶତପଥୀ ବିଶ୍ୱରେ ଶାନ୍ତି ବାର୍ତ୍ତା ନେଇ ବାଇକ୍‌ରେ ବାଲେଶ୍ୱରରୁ ଲଣ୍ଡନ ଯାତ୍ରା ମଙ୍ଗଳବାର ଶୁଭାରମ୍ଭ କରିଛନ୍ତି। ସେ ପୂର୍ବରୁ ୨୦୧୮ରେ ୭ଟି ଦେଶକୁ ଯାତ୍ରା କରିଥିଲେ। ୨୦୨୪ରେ ବାଲେଶ୍ୱରରୁ ଲଣ୍ଡନ ଯାତ୍ରା ପାଇଁ ୩୦ଦେଶ ଅତିକ୍ରମ କରି ୨୫, ୦୦୦ କି.ମି. ରାସ୍ତା ୧୦୦ ଦିନରେ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ପ୍ରଥମେ ସାରା ଭାରତ ଓ ପରେ ବାଲେଶ୍ୱରରୁ ପୂର୍ବ ଏସୀୟ ରାଷ୍ଟ୍ରକୁ ସେ ବାଇକ୍‌ରେ ପରିଭ୍ରମଣ କରିଥିଲେ। ଏଥର ସେ ନିଜ ବିଏମ୍‌ଡବ୍ଲ୍ୟୁ ବାଇକ୍‌ରେ ବାହାରିଛନ୍ତି ୟୁନାଇଟେଡ୍ କିଙ୍ଗଡମ୍‌ର ରାଜଧାନୀ ଲଣ୍ଡନକୁ। ଭାରତରୁ ଚୀନ୍, ତାଜକିସ୍ତାନ, ଅଜେରବାଇଜାନ, ତୁର୍କୀ, ଇରାନ, ଇଟାଲୀ, ଜର୍ମାନୀ, ସ୍ପେନ୍, ନେଦରଲାଣ୍ଡ, ବୁଲଗେରିଆ ଭଳି ୩୦ ରାଷ୍ଟ୍ର ବୁଲି ଶାନ୍ତିର ବାର୍ତ୍ତା ପ୍ରଚାର କରିବେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବାଲେଶ୍ୱର ସହର ଆଇଟିଆଇସ୍ଥିତ ଘରୋଇ କଲ୍ୟାଣମଣ୍ଡପ ପରିସରରେ ବିଧାୟକ ସ୍ୱରୂପ କୁମାର ଦାସ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ବାଲେଶ୍ୱରର ବହୁ ବାଇକ୍ ଆରୋହୀ, ବୁଲେଟ୍ ରାଇଡର୍ସ ସଂଘ, ରୋଟାରୀ ଓ ଲାୟନ୍ସ କ୍ଲବର ସଦସ୍ୟ ତଥା ତାଙ୍କ ମା'ବାପାଙ୍କ ସହ ପରିବାର ଲୋକମାନେ ଉପସ୍ଥିତ ରହି ଏକ ପଟୁଆରରେ ସହର ପରିକ୍ରମା କରିବା ସହ ତାଙ୍କୁ ବିଦାୟ ଦେଇ ଯାତ୍ରାର ଶୁଭମନାସୀ ଥିଲେ।

ଏନେଇ କୃଷ୍ଣଚନ୍ଦ୍ର କୁହନ୍ତି, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ଯାତ୍ରା। ବାଲେଶ୍ୱର ଡେଭେଲପମେଣ୍ଟ ଫୋରମ୍ ସଦସ୍ୟମାନଙ୍କ ଦ୍ୱାରା ଉତ୍ସାହିତ ହୋଇ ଏହି ଯାତ୍ରା ଆରମ୍ଭ କରିଛି। ଦେଶ ଓ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି, ଭୁଲ୍ ବୁଝାମଣା ଏବଂ ଦୂରତ୍ୱକୁ ଏଡ଼ାଇବା ପାଇଁ ଶାନ୍ତି ବାର୍ତ୍ତା ନେଇ ମୋର ଏହି ଯାତ୍ରା। ପୂର୍ବରୁ ଭାରତ ଭିତରେ ଯାତ୍ରା ସରିଛି। ୨୪ ଘଣ୍ଟାରେ ୧୮ଶହ କି.ମି. ବାଇକ୍ ଚଳାଇଛି। ଏଣୁ କୌଣସି ଅସୁବିଧା ହେବ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ମହାଷ୍ଟମୀ ପୂଜା: ମା' ବାସନ୍ତୀ ଦୁର୍ଗାଙ୍କ ପୀଠ ଚଳଚଞ୍ଚଳ



ପୂଜା ମଣ୍ଡପରେ ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

ରୂପସା, ୧୬।୪(ବାଞ୍ଛାନିଧି ଦେ)

ରୂପସା ଥାନା ଗଡ଼ପଦା ପଞ୍ଚାୟତ ଓଡ଼ିଆଶାସନ ଗ୍ରାମରେ ମଙ୍ଗଳବାର ମା' ବାସନ୍ତୀ ଦୁର୍ଗାଙ୍କ ମହାଷ୍ଟମୀ ପୂଜା ପାଳିତ ହୋଇଛି। ଶହେରୁ ଊର୍ଦ୍ଧ୍ୱ ବର୍ଷ ଧରି ଅନୁଷ୍ଠିତ ଏହି ପୂଜୋତ୍ସବରେ ଦେବୀଙ୍କ ପୀଠ ଚଳଚଞ୍ଚଳ ହୋଇଛି। ରବିବାର ଷଷ୍ଠୀରେ ବିଲ୍ୱବରଣ କରାଯାଇ ମଣ୍ଡପରେ ଅଧିବାସ ହୋଇଥିଲା। ସୋମବାର ସପ୍ତମୀ ପୂଜା ଅବସରରେ ଗ୍ରାମବାସୀ ବିଶାଳ ଶୋଭାଯାତ୍ରାରେ ଘଟୋତ୍ତଳନ କରି ମଣ୍ଡପରେ ଘଟରୋପଣ କରିଥିଲେ। ପଣ୍ଡିତ ଗଙ୍ଗାଧର ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ଦାଶ, ପ୍ରତାପ ଚନ୍ଦ୍ର ଦୀକ୍ଷିତ, ମୃତ୍ୟୁଞ୍ଜୟ ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ୪ଦିନ ବ୍ୟାପୀ ନିଷ୍ଠାର ସହ ପୂଜାର୍ଚ୍ଚନା, ଯଜ୍ଞ, ଚଣ୍ଡୀପାଠ କରାଯାଇଥିଲା। ବ୍ରତୀମାନେ ସଂକଳ୍ପ ହୋଇ ଦେବୀଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ବୁଧବାର ନବମୀ ପୂଜା ସମ୍ପନ୍ନ ହେବା ସହ ଗୁରୁବାର ଦଶମୀ ବିହିତ ପୂଜା, ମାର୍ଜନା ପୂର୍ବକ ପୂର୍ଣ୍ଣାହୂତି ଓ ଦେବୀଙ୍କୁ ବିସର୍ଜନ ହେବାର କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୂଜା ପରିଚାଳନା କମିଟି ପକ୍ଷରୁ ମନୋରଞ୍ଜନ ପାଣିଗ୍ରାହୀ, ଧନଞ୍ଜୟ ତ୍ରିପାଠୀ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ତପନ କୁମାର ଦୀକ୍ଷିତ, ପ୍ରଶାନ୍ତ କୁମାର ଦୀକ୍ଷିତ, ନିରଞ୍ଜନ ତ୍ରିପାଠୀ, ସୁଦର୍ଶନ ଦାସ, ପଙ୍କଜ ପଲାଇ, ପ୍ରଶାନ୍ତ ଦାସ ପରିଚାଳନା କରିଥିଲେ।

# ସର୍ବାଧିକ ଲାଭାନ୍ୱିତ ହେବ ଓଡ଼ିଶା: ପ୍ରତାପ



ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନେ।

ବାଲେଶ୍ୱର, ୧୬।୪(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ସହଦେବଖୁଣ୍ଟାସ୍ଥିତ ଘରୋଇ କଲ୍ୟାଣ ମଣ୍ଡପରେ ଖୋଲାଯାଇଥିବା ଭାଜପାର ଲୋକସଭା କ୍ଷେତ୍ରୀୟ ଅସ୍ଥାୟୀ ନିର୍ବାଚନୀ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଯାହାର କେହି ନାହିଁ, ତା' ପାଖରେ ମୋଦି ଗ୍ୟାରେଣ୍ଟି ରହିଛି । ସମଗ୍ର ଦେଶରୁ ୧୫ଲକ୍ଷରୁ ଊର୍ଦ୍ଧ୍ୱ ମତାମତ ସଂଗ୍ରହ କରାଯାଇ ପ୍ରସ୍ତୁତ ହୋଇଥିବା 'ଭାଜପାର ସଂକଳ୍ପ ପତ୍ର-୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି' ସଂକଳ୍ପପତ୍ରରୁ ବାଲେଶ୍ୱର ସମେତ ସମଗ୍ର ଓଡ଼ିଶା ସର୍ବାଧିକ ଲାଭ ପାଇବ। ବିଶେଷ ଭାବେ ଏହା ଚାଷୀ, ଗରିବ, ମହିଳା ଓ ଯୁବବର୍ଗ ପାଇଁ ଉତ୍ସର୍ଗୀକୃତ। ୮୦କୋଟି ଦେଶବାସୀଙ୍କୁ ପ୍ରତି ମାସ ମାଗଣା ରାଶନ, ଗରିବ କଲ୍ୟାଣକାରୀ ଯୋଜନା ଅଧୀନ ୩କୋଟି ବାସଗୃହ, ସମସ୍ତଙ୍କୁ ପାନୀୟଜଳ ଓ ବିଜୁଳି ଯୋଗାଣ ଆଦି ରହିଛି। ଏହାବ୍ୟତୀତ ପର୍ଯ୍ୟଟନ ଶିଳ୍ପର ବିକାଶକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଭିତ୍ତିଭୂମି ଓ ନୂତନ ଶିକ୍ଷାନୀତିକୁ ସଶକ୍ତ କରାଯାଇଛି। ଗଣତନ୍ତ୍ର ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' କାର୍ଯ୍ୟକାରୀ କରାଯିବ। ବନ୍ଦେ ଭାରତ ଭଳି ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ଖୁବ୍‌ଶୀଘ୍ର ବୁଲେଟ ଟ୍ରେନ ଚାଲିବ ବୋଲି ସଂକଳ୍ପପତ୍ରରେ ପ୍ରକାଶ ପାଇଛି। ତେଣୁ ଏଭଳି ସଂକଳ୍ପପତ୍ର ପ୍ରକାଶ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ଇସ୍ତାହାର କମିଟି ସଂଯୋଜକ ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଜିଲାବାସୀଙ୍କ ତରଫରୁ ଏମ୍‌ପି ଷଡ଼ଙ୍ଗୀ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ବଡ଼ସାହି ବିଧାୟକ ତଥା ପ୍ରାର୍ଥୀ ସନାତନ ବିଜୁଳି, ରେମୁଣାର ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ, ବାଲେଶ୍ୱର ଲୋକସଭା ସଂଯୋଜକ ଶୁଭଙ୍କର ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଲୋକସଭା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଭିନ୍ନକ୍ଷମ ଆଶ୍ରମରୁ ଦୁଇ ଛାତ୍ର ନିଖୋଜ

ନୀଳଗିରି, ୧୬।୪(ପ୍ରଶାନ୍ତ ବିଶ୍ୱାଳ)

ଆଶ୍ରମ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନ ପାଇଁ ଅନ୍ଧ, ମୂକ ବଧିର ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟରୁ ଦୁଇ ଛାତ୍ର ନିଖୋଜ ହୋଇଯାଇଛନ୍ତି। ବାଲେଶ୍ୱରର ସରକାରୀ ଅନ୍ଧ, ମୂକ ବଧିର ଭିନ୍ନକ୍ଷମ ଆଶ୍ରମ ବିଦ୍ୟାଳୟରେ ସୁରକ୍ଷାକୁ ନେଇ ଉଠିଲା ବଡ଼ ପ୍ରଶ୍ନ। ଅଭିଭାବକଙ୍କ ଅଭିଯୋଗକ୍ରମେ ସ୍କୁଲ କର୍ତ୍ତୃପକ୍ଷ ସଦର ଥାନାରେ ଅଭିଯୋଗ କରିଛନ୍ତି। ନିଖୋଜ ଥିବା ନାବାଳକ ଜଣେ ନୀଳଗିରି ଥାନା ସିଆଡ଼ିମାଳ ପଞ୍ଚାୟତ ବାବନ୍ଧ ଗ୍ରାମର କୃଷ୍ଣଚନ୍ଦ୍ର ବେହେରାଙ୍କ ୧୨ ବର୍ଷର ଭିନ୍ନକ୍ଷମ ପୁଅ ସଂଗ୍ରାମ ବେହେରା ଓ ଆଉ ଜଣେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳର ବାପି ମାରାଣ୍ଡି। ସୋମବାର ଭୋର ସମୟରେ ପାଚେରି ଡେଇଁ ଦୁଇଜଣ ନିଖୋଜ ହୋଇଥିବା ନେଇ ସ୍କୁଲ କର୍ତ୍ତୃପକ୍ଷ ସଫେଇ ଦେଉଥିବା ବେଳେ ପିଲା ଫାଟକ ଦେଇଯାଇଥିବା ଅଭିଯୋଗ ଅଭିଭାବକ କରୁଛନ୍ତି। ପିଲାଙ୍କୁ ନ ପାଇ ମା'ବାପା ଓ ପରିବାର ଲୋକେ କାନ୍ଦୁଥିବା ବେଳେ ତୁରନ୍ତ ପିଲାଙ୍କୁ ଖୋଜିଆଣିବାକୁ ଦାବିହୋଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଭାଜପା ପ୍ରାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଖଇରା, ୧୬।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆ ୫ନମ୍ବର ଜୋନରେ ଭାଜପା ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମଣ୍ଡଳ ସଭାପତି ମହେଶ୍ୱର ନାଥ ଏଥିରେ ସଭାପତିତ୍ୱ କରିଥିଲେ। ଆରମ୍ଭରେ ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭାରେ ୯ଟି ପଞ୍ଚାୟତର ଲୋକପ୍ରତିନିଧି, ବୁଥ ସଭାପତି ତଥା ଅନ୍ୟାନ୍ୟ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଉଭୟ ପ୍ରାର୍ଥୀ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀଙ୍କ ଡାକରାରେ ସମସ୍ତ କର୍ମୀ ଅବକି ବାର ୪୦୦ ପାର୍ ଓ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ। ଭାଜପା ଯୁବମୋର୍ଚ୍ଚା ରାଜ୍ୟ କୋଷାଧ୍ୟକ୍ଷ ଇଂ. ରାଜେଶ ମହାକୁଡ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏଥର ସିମୁଳିଆ ଆସନ ଭାଜପା ହାତକୁ ଯିବ ବୋଲି ଉଲ୍ଲେଖ କରିଥିଲେ।

# ସମ୍ମାନିତ ହେଲେ ପର୍ବତଆରୋହୀ

ବାଲେଶ୍ୱର, ୧୬।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳର ୫ଜଣ ଯୁବକଙ୍କୁ ସୁବର୍ଣ୍ଣରେଖା ବନ୍ଦର ତରଫରୁ ଟାଟା ଷ୍ଟିଲ ଫାଉଣ୍ଡେଶନ ଦ୍ୱାରା ଗତ ମାର୍ଚ୍ଚରେ ନେତୃତ୍ୱ ବିକାଶ ଏବଂ ପର୍ବତ ଆରୋହଣ ପାଇଁ ଉତ୍ତରକାଶି ପଠାଯାଇଥିଲା। ଉଗରା ପଞ୍ଚାୟତର ରାଜକୁମାର ଖଟୁଆ, ବଡ଼ାସ୍ ପଞ୍ଚାୟତର ଉତ୍ତମ କୁମାର ଦେ ଓ ପ୍ରତାପୁର ପଞ୍ଚାୟତର ତପନ କୁମାର ପଣ୍ଡା, ଚିନ୍ମୟ ପଣ୍ଡା ଏବଂ ହରିହର ପଣ୍ଡା ସଫଳତା ପୂର୍ବକ ମଧ୍ୟମ ହିମାଳୟର ୧୦,୫୦୦ ଫୁଟ୍ (ଓପର ଚାୟ ଥତର) ଉପର ପର୍ଯ୍ୟନ୍ତ ଆରୋହଣ କରିଥିଲେ।




ମଧ୍ୟମ ହିମାଳୟର ୧୦,୫୦୦ ଫୁଟ୍ ଉପରେ ପର୍ବତାରୋହୀ।

ବାଲିଆପାଳ ବ୍ଲକ ଅଫିସ୍ ପରିସରରେ ଆୟୋଜିତ ଉତ୍ସବରେ ଉକ୍ତ ୫ଜଣ ଯୁବକଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ବାଲିଆପାଳ ବିଡିଓ ବିନୋଦ ପଣ୍ଡା ଯୋଗଦେଇ ଟାଟା ଷ୍ଟିଲ ଫାଉଣ୍ଡେଶନର ଏଭଳି କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଯୁବକମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର ଯୋଗଦେଇ ଆଗାମୀ ଦିନରେ ଏହିଭଳି ଅଧିକ ପର୍ବତ ଆରୋହଣ କରିବା ସହିତ ମାଉଣ୍ଟେନ୍ ଏଭରେଷ୍ଟ ଚଢ଼ିବା ପାଇଁ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। ଏଭଳି କାର୍ଯ୍ୟକ୍ରମ ବାଲେଶ୍ୱର ଜିଲାରେ ପ୍ରଥମ କରି ହୋଇଥିବା ଏବଂ ଅଞ୍ଚଳର ଯୁବକମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ଲୋକଲୋଚନକୁ ଆଣିବା ସହିତ ଯୁବକମାନଙ୍କ ନେତୃତ୍ୱ ବିକାଶ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାର ଲକ୍ଷ୍ୟ ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି।

# କାର୍ଯ୍ୟକ୍ଷମ ହେଲା ୨୪/୭ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍

ବାଲେଶ୍ୱର, ୧୬।୪(ମାନସ ବିଶ୍ୱାଳ)

ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା, ଭାରତୀୟ ନିର୍ବାଚନ ଆୟୋଗ ଏବଂ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଖୋଲାଯାଇଛି ଏକ ୨୪/୭ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍। ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଉପରେ ନଜର ରଖିବା ପାଇଁ ଏହି ସମନ୍ୱିତ କକ୍ଷକୁ କାର୍ଯ୍ୟକାରୀ କରାଯାଉଛି।

ବାଲେଶ୍ୱର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଶିଷ ଠାକ୍‌ରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ ହେଉଛି। ତାଲିମପ୍ରାପ୍ତ ଅଧିକାରୀଙ୍କର ଏକ ଦଳ ଦ୍ୱାରା ପରିଚାଳିତ ଏହି ନିୟନ୍ତ୍ରଣ କକ୍ଷ ନିର୍ବାଚନ ସମ୍ବନ୍ଧୀୟ ମାମଲାର ତ୍ୱରିତ ଏବଂ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ ତଦାରଖ ପାଇଁ ନିୟୋଜିତ କରାଯାଇଛି। ନିର୍ବାଚନ ସମ୍ବନ୍ଧୀୟ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ସମାଧାନ ପାଇଁ ଏକ ଟୋଲ୍ ଫ୍ରି ହେଲ୍‌ପଲାଇନ୍ (୧୯୫୦) ମଧ୍ୟ କାର୍ଯ୍ୟକ୍ଷମ କରାଯାଉଛି। ଜନସାଧାରଣ ଏହି ନମ୍ବରକୁ ଯେକୌଣସି ସମୟରେ ଫୋନ୍ କରି ନିଜର ଅଭିଯୋଗ, ସ୍ପଷ୍ଟୀକରଣ କିମ୍ବା ନିର୍ବାଚନ ସମ୍ବନ୍ଧୀୟ ପ୍ରକ୍ରିୟା ଏବଂ ଆବଶ୍ୟକତା ସମ୍ପର୍କରେ ମାର୍ଗଦର୍ଶନ ପାଇପାରିବେ। ଏହି ହେଲ୍‌ପଲାଇନ୍ ନିର୍ବାଚନ ଅବଧି ସାରା କାର୍ଯ୍ୟକ୍ଷମ ରହିବ।

# ଏମ୍‌ପି ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କଲେ ବିଧାୟକ

ନୀଳଗିରି, ୧୬।୪(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବ୍ଲକ କାଂଶ ପଞ୍ଚାୟତରେ ବିଜେଡି ପକ୍ଷରୁ ମଙ୍ଗଳବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ବିଜେଡିର ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପାଇଁ ଏଠାରୁ ପ୍ରଚାର ଆରମ୍ଭ କରିଛନ୍ତି। ଲେଖାଶ୍ରୀ ଉକ୍ତ ଗ୍ରାମର ସ୍ୱର୍ଗତ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ବୋହୂ। ତେଣୁ ଦଳଗତ ନିର୍ବିଶେଷରେ ସମସ୍ତେ ତାଙ୍କୁ ଶତପ୍ରତିଶତ ଭୋଟ ଦେବାକୁ ବିଧାୟକ ନିବେଦନ କରିଥିଲେ। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରମେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମୀ ସମ୍ମିଳନୀରେ ବିଧାୟକଙ୍କ ସମେତ ଗଙ୍ଗାଧର ମିଶ୍ର, ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ, ନାଏବ ସରପଞ୍ଚ ସୁଶାନ୍ତ ମହାଲିକ, ସମିତିସଭ୍ୟା ରଜନୀ ଗିରି, ପୂର୍ବତନ କାଉନସିଲର ଲୋକନାଥ ଦଳେଇ, ଗଙ୍ଗାଧର ବିଶ୍ୱାଳ, ତପନ ମହାନ୍ତି, ସାଏବ ନାୟକ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ଲୋକଙ୍କୁ ବୁଝାଇବା ସହ ବିକାଶ ବାର୍ତ୍ତା ପହଞ୍ଚାଇବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ।



ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପାଇଁ ବିଧାୟକ ପ୍ରଚାର କରୁଛନ୍ତି।

### ଶ୍ରୀରାମ ନବମୀରେ ପଦଯାତ୍ରା

ବାଲେଶ୍ୱର, ୧୬।୪(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ପାଣିଟାଙ୍କିସ୍ଥିତ ଘରୋଇ କଲ୍ୟାଣମଣ୍ଡପ ପରିସରରେ ଶ୍ରୀରାମ ଚେତନା ଜାଗରଣ ସଂଘ ପକ୍ଷରୁ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳନ ଅବସରରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ଭଳି ଶ୍ରୀରାମ ଚେତନା ଜାଗରଣ ସଂଘ ପକ୍ଷରୁ ଚଳିତବର୍ଷ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳନ ଅବସରରେ ହେବାକୁ ଥିବା ବିଶାଳ ପଦଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତାମାନେ ଯୋଗଦେଇ ବୁଧବାର ହେବାକୁ ଥିବା ପଦଯାତ୍ରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୁଧବାର ଅପରାହ୍ନ ସମୟରେ ଏହି ପଦଯାତ୍ରା ସ୍ଥାନୀୟ ପରମିଟ୍ ପଡ଼ିଆରୁ ବାହାରି ସହର ପରିକ୍ରମା ପୂର୍ବକ ପୁଣି ସେଠାରେ ପହଞ୍ଚିବ। ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଶୋଭାଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଜାଗରଣ ସଂଘର ୩୦୦ରୁ ଊର୍ଦ୍ଧ୍ୱ କର୍ମୀ କାର୍ଯ୍ୟ କରିବେ। ଶୋଭାଯାତ୍ରା ଯାଉଥିବା ରାସ୍ତାରେ ଛକ ଛକରେ ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା କରାଯିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି।

# ୫ ପଞ୍ଚାୟତରେ ସନ୍ତୋଷଙ୍କ ଶକ୍ତି ପ୍ରଦର୍ଶନ

ବାହାନଗା, ୧୬।୪(ଅରୂପ କୁମାର ଦାସ)

ରାଜ୍ୟରେ ନିର୍ବାଚନ ଲାଗି ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ପ୍ରାର୍ଥୀମାନେ ନିଜର ପ୍ରଚାର ଆରମ୍ଭ କରିଲେଣି। ମାତ୍ର ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀରେ ଏପର୍ଯ୍ୟନ୍ତ ପ୍ରମୁଖ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ନୀଳଗିରି ନିର୍ବାଚନମଣ୍ଡଳୀର ବିଜେଡି ନେତା ସନ୍ତୋଷ ଖଟୁଆ ବାହାନଗା ବ୍ଲକରେ ଥିବା ୫ ପଞ୍ଚାୟତରେ ମଙ୍ଗଳବାର ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ନୀଳଗିରି ନିର୍ବାଚନମଣ୍ଡଳୀରେ ବାହାନଗା ବ୍ଲକର ୫ଟି ପଞ୍ଚାୟତ ସାମିଲ ଅଛି। ସେହି ୫ଟି ପଞ୍ଚାୟତରେ ନିଜର ଶକ୍ତି ପ୍ରଦର୍ଶନ କରି ଦେଖାଇଛନ୍ତି ବିଜେଡି ନେତା ସନ୍ତୋଷ ଖଟୁଆ। ମାସେ ଦୁଇମାସ ତଳେ ନୀଳଗିରି ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ସୁକାନ୍ତ ନାୟକ ଭାଜପାରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଛନ୍ତି। ସେ ବିଜେଡିରେ ସାମିଲ ହେବା ପରେ ସେଠାରେ ରାଜନୈତିକ ପାଣିପାଗ ଚଳଚଞ୍ଚଳ ହୋଇଉଠିଛି।

ଗତ ୨୦୧୯ରେ ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ନିର୍ବାଚନରେ



ସନ୍ତୋଷ ଖଟୁଆଙ୍କ ପକ୍ଷରୁ ବାହାରିଥିବା ମୋଟର ସାଇକେଲ ରାଲି।

ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ। ସେବେଠାରୁ ସେ ବିଜେଡି ସଙ୍ଗଠନ ସହିତ ଜଡିତ ରହି ଜନସେବା କରିବା ସହିତ ସଙ୍ଗଠନକୁ ସୁଦୃଢ କରିବାରେ ସକ୍ଷମ ହୋଇପାରିଛନ୍ତି। ତେବେ ଚଳିତ ନିର୍ବାଚନ ସମୟରେ ହଠାତ୍ ଭାଜପା ବିଧାୟକ ଦଳ ତ୍ୟାଗ କରି ବିଜେଡିରେ ସାମିଲି ହେବା ଯୋଗୁ ବିଜେଡି ଟିକେଟକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏପର୍ଯ୍ୟନ୍ତ ନୀଳଗିରି ନିର୍ବାଚନମଣ୍ଡଳୀ ପାଇଁ ବିଜେଡି କିମ୍ବା ଭାଜପା ଟିକେଟ ଘୋଷଣା କରିନାହାନ୍ତି। ଯାହାକି ଉଭୟ ନେତାଙ୍କ ପାଇଁ ଉତ୍କଣ୍ଠା ଦେଖାଦେଇଛି। ମାତ୍ର ଉଭୟଙ୍କୁ ଟିକେଟ ଦେବାର ପ୍ରତିଶ୍ରୁତି ଦେଉଥିବାରୁ ନେତାମାନେ କୌଣସି ନିର୍ଣ୍ଣାୟକ ଭୂମିକାରେ ପହଞ୍ଚିପାରୁନାହାନ୍ତି। ଅନ୍ୟପଟରେ ସନ୍ତୋଷ ଖଟୁଆ ନିର୍ବାଚନମଣ୍ଡଳୀର ବିଭିନ୍ନ ଜୋନରେ ବୈଠକ ଓ ମୋଟର ସାଇକେଲ ରାଲି କରି ନିଜର ଶକ୍ତି ପ୍ରଦର୍ଶନ କରିଚାଲିଛନ୍ତି। ସେହି ଅନୁଯାୟୀ ମଙ୍ଗଳବାର ବାହାନଗା ବ୍ଲକରୁ ୫ ପଞ୍ଚାୟତର ୫ଶହ କର୍ମୀ ଓ ସକ୍ରିୟ ସଭ୍ୟମାନଙ୍କୁ ନେଇ ଏକ ମୋଟର ସାଇକେଲ ଶୋଭାଯାତ୍ରା କରିଥିଲେ। ଏହି ରାଲି ବାହାନଗା ୟୁକୋ ବ୍ୟାଙ୍କଠାରୁ ବାହାରି ପଥରପେଣ୍ଡ ପଞ୍ଚାୟତ ବଡଗାଁ ବାସୁଳୀ ମନ୍ଦିରରେ ପହଞ୍ଚିବା ସହିତ ଚକଜଗନ୍ନାଥପୁର, କସପାଜୟପୁର, ପଣପଣା, ଖନ୍ତାପଡା ଆଦି ପଞ୍ଚାୟତରେ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ପ୍ରଫୁଲ୍ଲ ସାମନ୍ତରାୟଙ୍କ ନେତୃତ୍ୱରେ ଏହି ରାଲି ହୋଇଥିଲା।

# ଗେରୁଆମୟ ସାରା ସହର

ଭଦ୍ରକ,୧୬।୪(ସନାତନ ରାଉତ)

ଭଦ୍ରକର ଐତିହାସିକ ଶ୍ରୀରାମ ନବମୀ ମହୋତ୍ସବ ପାଇଁ ସଜେଇ ହୋଇଛି ସହର। ବୁଧବାର ହେବାକୁ ଥିବା ନଗର ସଂକୀର୍ତ୍ତନ ଶୋଭାଯାତ୍ରାରେ ଜିଲା ଓ ଜିଲା ବାହାରୁ ଲକ୍ଷାଧିକ ଲୋକଙ୍କ ସମାଗମ ହେବ। ଶୋଭାଯାତ୍ରା ଲାଗି ଭଦ୍ରକ ସହର ଗେରୁଆ ରଙ୍ଗରେ ସଜେଇ ହୋଇଛି। ସାରା ସହର ଗେରୁଆମୟ ହୋଇଥିବା ବେଳେ ମୁଖ୍ୟ ଛକଗୁଡ଼ିକରେ ଶ୍ରୀରାମଙ୍କ ଫଟୋଚିତ୍ର ସହ ଟାୱାର ଗେଟ୍ ଖୁବ୍ ଆକର୍ଷଣୀୟ ହୋଇଛି। ସହରର ବନ୍ତଛକ, କଚେରି ବଜାର, ପୋଷ୍ଟଅଫିସ ଛକ, ମେଡିକାଲ ଛକ ଆଦି ସ୍ଥାନକୁ ସୁସଜ୍ଜିତ କରାଯାଇଛି। କଲେଜ ଟ୍ରାଫିକ୍ ଛକରେ ଆଲୋକମାଳାରେ ଟାୱାର ନିର୍ମାଣ କରାଯାଇଛି। ଗେରୁଆ ପତାକା, ଉତ୍ତରୀୟ, ମୁଣ୍ଡବନ୍ଧା ପଟି, ଟି-ଶାର୍ଟ ବିଭିନ୍ନ ଦୋକାନରେ ବିକ୍ରି ହେଉଥିବା ବେଳେ ସନ୍ଧ୍ୟା ସମୟରେ ଏହାକୁ କିଣିବା ପାଇଁ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି।


କଚେରି ବଜାରରେ ହୋଇଥିବା ଟାୱାର।

**ଆଜି ଶ୍ରୀରାମ ନବମୀ**
■ ସଜେଇ ହୋଇଛି ଭଦ୍ରକ

ସଂକୀର୍ତ୍ତନ ଶୋଭାଯାତ୍ରାକାରୀଙ୍କୁ ପାନୀୟଜଳ, ଦହି ସର୍ବତ ଓ ବିଭିନ୍ନ ଖାଦ୍ୟ ଯୋଗାଇ ଦେବାକୁ ବିଭିନ୍ନ ସଙ୍ଗଠନ ଏବଂ ବ୍ୟବସାୟୀ ସଂଘ ପକ୍ଷରୁ ଷ୍ଟଲ ପ୍ରସ୍ତୁତ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମଧ୍ୟ ସହରର ବିଭିନ୍ନ ଛକରେ ପୋଲିସ ପ୍ରଶାସନ ପକ୍ଷରୁ କ୍ୟାମ୍ପ କରାଯାଇ ଫୋର୍ସ ମୁତୟନ ରହିଛନ୍ତି।

## ସଂକ୍ଷେପରେ

### ଯୋଡ଼ିହେଲା ଭଙ୍ଗା ସଂସାର

**ଜିଲା ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ**

ଭଦ୍ରକ,୧୬।୪(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ଭାଙ୍ଗି ଯାଇଥିବା ଏକ ସଂସାର ଯୋଡ଼ି ହୋଇଛି। ଦମ୍ପତିଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଛି। ଘଟଣାରୁ ପ୍ରକାଶ ଯେ, ସୋସିଆଲ ମିଡିଆରେ ପ୍ରେମ ସମ୍ପର୍କ ଗଢ଼ି ଉଠିବା ସହ ମନ୍ଦିରରେ ବିବାହ ହୋଇଥିଲା। ଉଭୟ ବେଙ୍ଗାଲୁରୁରେ ଦୁଇମାସ ରହିବା ପରେ ଘରକୁ ଫେରିଥିଲେ। ଘରେ ସ୍ତ୍ରୀଙ୍କୁ ଛାଡ଼ିଯିବା ପରେ ଶାଶୁଘର ଲୋକଙ୍କ ନିର୍ଯାତନା ଆରମ୍ଭ ହୋଇଥିଲା। ୫ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ବାଧ କରିବା ସହ ମାଡ଼ ମାରି ଗୋଡ଼ ହାତ ଭାଙ୍ଗି ଦେଇ ଘର ଭିତରେ ୫ ଦିନ ରଖିଥିଲେ। ଅନ୍ୟ ଜଣେ ଲୋକଙ୍କ ହସ୍ତକ୍ଷେପ ପରେ ବୋହୂଙ୍କୁ ଘରୋଇ ଡାକ୍ତରଖାନାରେ ଅପରେଶନ କରାଇଥିଲେ। ନବବଧୂ ବାପଘରକୁ ଆସି ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୧୩୭/୨୩) ରୁଜୁ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣରେ ଅନ୍‌ଲାଇନରେ ଆଇନ ସେବା ପାଇଁ ସେ ପ୍ରାର୍ଥନା କରିଥିଲେ। ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ଏହାକୁ ଗୁରୁତ୍ୱର ସହ ନେଇ ପେନାଲ ଓକିଲଙ୍କୁ ଆଇନ ସେବା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବା ପରେ ଘରୋଇ ହିଂସା ଓ ଭରଣପୋଷଣ ମକଦ୍ଦମା (ନଂ. ୩୩୪/୨୩) ରୁଜୁ ହୋଇଥିଲା। ଭରଣପୋଷଣ ପାଇଁ ମାସିକ ୩ ହଜାର ଟଙ୍କା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହା ଭିତରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଏସ୍‌ଡିଜେଏମ୍ ଅଦାଲତ ମୁକାମରେ ପହଞ୍ଚି ତାଙ୍କ ସ୍ତ୍ରୀଙ୍କ ସହ ଆପୋଷ ମିଳାମିଶା ପାଇଁ ଦରଖାସ୍ତ ଆବେଦନ କରିଥିଲେ। ଆଇନସେବା ପ୍ରାଧିକରଣ ପକ୍ଷରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଆପୋଷ ସମାଧାନ କରାଯିବା ପରେ ପୁନର୍ବାର ସେମାନଙ୍କ ନୂଆ ସଂସାର ଆରମ୍ଭ ହୋଇଛି।

### ସାପ କାମୁଡ଼ାରେ ଗୁରୁତର ଚାଷୀଙ୍କ ମୃତ୍ୟୁ

ଅସୁରାଳି,୧୬।୪ (ସନ୍ତୋଷ ପ୍ରଧାନ)

ଧାମନଗର ବ୍ଲକ କୋଠାର ଗ୍ରାମର ଚାଷୀ ପ୍ରବୀଣ କୁମାର ଦାସ(୪୦)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ୧୫ ଦିନ ତଳେ ନିଜ ଚାଷ ଜମିରେ କାମ କରୁଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଗୁରୁତର ଥିବାବେଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀର ସନ୍ଧ୍ୟାରେ ଗାଁରେ ପହଞ୍ଚିବା ପରେ ଶେଷକୃତ୍ୟ କରାଯାଇଛି। ପ୍ରବୀଣ ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ତାଙ୍କ ମୃତ୍ୟୁରେ ଏବେ ପରିବାରର ଆର୍ଥିକ ମେରୁଦଣ୍ଡ ଭୁଶୁଡ଼ି ପଡ଼ିଛି। ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ମହାଷ୍ଟମୀ ପୂଜା: ବାସନ୍ତୀ ଦୁର୍ଗା ମଣ୍ଡପ ଉତ୍ସବମୁଖର

ତିହିଡ଼ି,୧୬।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ବାସନ୍ତୀ ଦୁର୍ଗାପୂଜା ଚାଲିଥିବା ବେଳେ ମଙ୍ଗଳବାର ସମସ୍ତ ମଣ୍ଡପରେ ମହାଷ୍ଟମୀ ପୂଜା କରାଯାଇଛି। ଉପବାସ ରଖିଥିବା ମହିଳାମାନେ ସକାଳେ ମା'ଙ୍କ ପାଖରେ ଭୋଗ କରିଛନ୍ତି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସହ ତୋରଣ ଓ ଆଲୋକମାଳାର ସାଜସଜ୍ଜା ପୂଜା ମଣ୍ଡପକୁ ଆକର୍ଷଣୀୟ କରିଛି। ଦୌଲତପୁର ପଞ୍ଚାୟତ ଅଧୀନ ପୀରହାଟ ବଜାରରେ ୮୦ ବର୍ଷରେ ପହଞ୍ଚିଛି ମା'ଙ୍କ ପୂଜା। କମିଟିର ସଭାପତି ଗଣେଶ ଚନ୍ଦ୍ର ବଳ, ସମ୍ପାଦକ ନିରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ବାଇଧର ବଳ, କାର୍ଯ୍ୟକାରୀ ସଦସ୍ୟ ତ୍ରୈଲୋଚନ ନାୟକ, ହିମାଦ୍ରୀ ମିଶ୍ର, ଚନ୍ଦ୍ରମଣି ବେହେରା, ପ୍ରହ୍ଲାଦ ବାରିକ ପ୍ରମୁଖ ସହଯୋଗ କରୁଛନ୍ତି।

ସେହିପରି ଦୋଳସାହି ପଞ୍ଚାୟତ ରାଢଙ୍ଗ କୁଣ୍ଡିପୋଲ ଛକ ନିକଟରେ ମା'ଙ୍କ ପୂଜା ଏଥର ୬୫ ବର୍ଷରେ ପଦାର୍ପଣ କରିଛି। ପୂଜା କମିଟିର ସଭାପତି ମନୋଜ କୁମାର ମୁଦୁଲି, ସମ୍ପାଦକ ମନୋଜ କୁମାର ପଲେଇଙ୍କ ସମେତ ଶରତ କୁମାର ସେନାପତି, ଲକ୍ଷ୍ମୀଧର ବେହେରା, ଅମର ସେନାପତି, ପ୍ରତାପ ସେନାପତି, ନରେନ୍ଦ୍ର ସେନାପତି ପ୍ରମୁଖ ଗ୍ରାମବାସୀଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହେଉଛି। ସୟା ପଞ୍ଚାୟତର ଧୂଳିପଦାରେ ୩୬ ବର୍ଷ ହେଲା ବାସନ୍ତୀ ଦୁର୍ଗାପୂଜା କରାଯାଉଛି। କମିଟି ସଭାପତି ଧୀରେନ୍ଦ୍ର ସେଠୀ, ସମ୍ପାଦକ ବାବୁରାମ ରାଉତଙ୍କ ସମେତ ବିଜୟ ପଣ୍ଡା, ଦାମୋଦର ମଲ୍ଲିକ, ସୁରେନ୍ଦ୍ର ପ୍ରସାଦ ନାୟକ, ରମାକାନ୍ତ କୁଅଁର, ବାସୁଦେବ ପଲେଇ, ଜୀବନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପୂଜା ଚାଲିଛି। ସେହିପରି ତିହିଡ଼ି କାଳୀପଡ଼ିଆ, ମହରମପୁର ପଞ୍ଚାୟତର ସାଠିବାଟି ଓ ମଙ୍ଗରାଜପୁର ଗ୍ରାମରେ ମା' ବାସନ୍ତୀ ଦୁର୍ଗାଙ୍କୁ ଆରାଧନା କରାଯାଉଛି।


ପୀରହାଟ ବଜାରରେ ପୂଜା ପାଉଥିବା ମା' ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

## ଭାଜପାରେ ମିଶିଲେ ବିଜେଡି କର୍ମୀ

**ସୋହଡ଼ାରେ ମିଶ୍ରଣପର୍ବ**

ଧାମନଗର,୧୬।୪ (ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତର ବହୁ ପରିବାର ତଥା ବିଜେଡି କର୍ମୀମାନେ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ପଞ୍ଚାୟତର ମିଶ୍ରପୁରଠାରେ ମୁକୁନ୍ଦଦେବ ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ପତିଙ୍କ ଅଧ୍ୟକ୍ଷତାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ମଣ୍ଡଳ ସଭାପତି ଅରବିନ୍ଦ ପତି, ସରପଞ୍ଚ ଅଶୋକ କୁମାର ପୁହାଣ, ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ସୂତାର, ବିଷ୍ଣୁମୋହନ ମିଶ୍ର, ଅମିୟ ସାମଲ, ଚକ୍ରଧର ସାମଲ, ମଳୟ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୪୫ଜଣ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ସହ ଭାଜପାର ନୀତି ଆଦର୍ଶ ଓ ବିଧାୟକ ସୂର୍ଯ୍ୟବଂଶୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା ସେମାନେ କହିଥିଲେ। ବିଧାୟକ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ, ଟୋପି ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

କିଛିଦିନ ପୂର୍ବେ ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସମେତ ବହୁ କର୍ମୀ ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଆହୁରି ବହୁ ପରିବାର ଆଗାମୀ ଦିନରେ ଭାଜପାରେ ମିଶିବା ନେଇ ଦଳୀୟ କର୍ମୀ ପ୍ରକାଶ କରିଥିଲେ। ଏହି ମିଶ୍ରଣ ଯୋଗୁ ସୋହଡ଼ା ପଞ୍ଚାୟତରେ ଭାଜପା ଅଧିକ ଶକ୍ତିଶାଳୀ ହୋଇଥିବା ବିଧାୟକ କହିଥିଲେ।


ମିଶ୍ରଣ ପର୍ବରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଭାଜପା କର୍ମକର୍ତ୍ତା ଓ ନୂତନ କର୍ମୀ।

## ଜଳିଗଲା ୧୬ ବଖରା

ବାସୁଦେବପୁର (ନାରାୟଣ ପ୍ରସାଦ ବାରିକ୍)/ ବନ୍ତ (ହରିନାରାୟଣ ମହାନ୍ତି), ୧୬।୪

ଭଦ୍ରକ ଜିଲା ବାସୁଦେବପୁର ଓ ବନ୍ତ ବ୍ଲକ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୧୬ ବଖରା ଘର ଜଳିଯାଇଛି। ବାସୁଦେବପୁର ବ୍ଲକର ଖରିଦା ବିନାୟକପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ ପରିବାର ରମେଶ ଚନ୍ଦ୍ର ବାରିକ, ସର୍ବେଶ୍ୱର ବାରିକ ଓ ପ୍ରମିଳା ବାରିକଙ୍କ ୧୨ ବଖରା ଘର ସହ ଆନୁମାନିକ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ଖବର ପାଇ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ, ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ବିନାୟକପୁର ପଞ୍ଚାୟତର ସରପଞ୍ଚ ପ୍ରତିନିଧି ନରେନ୍ଦ୍ର ମଳିକ, ତହସିଲଦାର ସୌଭାଗ୍ୟ ପଣ୍ଡା ପ୍ରମୁଖ ଅଗ୍ନିବିପନ୍ନ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇଥିଲେ। ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଛି।

ସେହିପରି ବନ୍ତ ତହସିଲ ଅଧୀନ ଫୁଲଗଡିଆ ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ସୁଦାମ ପାତ୍ର, ସୁରେନ୍ଦ୍ର ପାତ୍ର, ଭରତ ପାତ୍ର ଓ ଅଜିତ୍ ପାତ୍ରଙ୍କ ବଖରାଏ ଲେଖାଏ ଘର ପୋଡ଼ି ଯାଇଥିବା ବେଳେ ଧାନ, ଚାଉଳ ସମେତ ଘରର ସମସ୍ତ ଆସବାବପତ୍ର ଜଳି ପାଉଁଶ ହୋଇଯାଇଛି। ଖବରପାଇ ଭଣ୍ଡାରିପୋଖରୀ ଅଗ୍ନିଶମ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ।

## ଧାମୁରାଇଙ୍କୁ ଦର୍ଶନ କରି ପ୍ରଚାର ଆରମ୍ଭ କଲେ ଅମିୟ


କାର୍ଯ୍ୟାଳୟ ଉଦ୍‌ଘାଟନୀ ଅବସରରେ ବିଧାୟକ ପ୍ରାର୍ଥୀ ଅମିୟ ମହାପାତ୍ରଙ୍କ ସହ କଂଗ୍ରେସ କର୍ମକର୍ତ୍ତା।

ଚାନ୍ଦବାଲି,୧୬।୪(କିଷାନ ପାତ୍ର)

**କଂଗ୍ରେସର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ**

ଚାନ୍ଦବାଲି ବିଧାନସଭା ନିର୍ବାଚନୀ ମଣ୍ଡଳୀରେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିବେ ଅମିୟ ମହାପାତ୍ର। ମଙ୍ଗଳବାର ଧାମରାଠାରେ ମା' ଧାମୁରାଇଙ୍କ ଦର୍ଶନ କରି ସେ ପ୍ରଚାର ଆରମ୍ଭ କରିଛନ୍ତି। ତାଙ୍କର ଶତାଧିକ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଇ ଧାମୁରାଇ ମନ୍ଦିରରେ ପୂଜାର୍ଚ୍ଚନା କରି ମା'ଙ୍କ ଆଶିଷ ନେଇଛନ୍ତି। ତାଙ୍କର ପ୍ରତିଦ୍ୱନ୍ଦ୍ୱୀ କୌଣସି ରାଜନୈତିକ ଦଳ ନୁହେଁ ବରଂ ଏହି ନିର୍ବାଚନୀମଣ୍ଡଳୀର ବେକାରୀ ସମସ୍ୟା, ଗମନାଗମନର ଅସୁବିଧା, ମେଡିକାଲରେ ଡାକ୍ତର ସମସ୍ୟା, ବ୍ଲକରେ ହେଉଥିବା ପିସି କାରବାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ବୋଲି ସେ କହିଥିଲେ। ଏହି ଅବସରରେ ଧାମରା ବସ୍‌ଷ୍ଟାଣ୍ଡ ନିକଟରେ କଂଗ୍ରେସର ନୂତନ କାର୍ଯ୍ୟାଳୟକୁ ସେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନେତା ଦିଗମ୍ବର ଦାସ, ବ୍ଲକ କଂଗ୍ରେସ ସଭାପତି ତ୍ରୈଲୋଚନ ପଣ୍ଡା, ସୁରେଶ ମାହୁନ୍ତ, ଦେବାଶିଷ ନାୟକ, ପ୍ରମୋଦ ନାୟକ, ଉମେଶ ମହାକୁଡ଼, ନରହରି ମଲ୍ଲିକ, ଗଦାଧର ନାୟକ, ନରେନ୍ଦ୍ର ନାୟକ, ନରେନ୍ଦ୍ର ମାଇତି, ପୂର୍ଣ୍ଣଚନ୍ଦ୍ର ମାଝୀ, ସରୋଜ ଲେଙ୍କା, ସୁରେନ୍ଦ୍ର ଜେନା, ନାରାୟଣ ବାରିକ, ଖଗେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାକୁ ରଣନୀତି

ଅସୁରାଳି,୧୬।୪(ସନ୍ତୋଷ ପ୍ରଧାନ)

ଧାମନଗର ବ୍ଲକର ଅସୁରାଳି ପଞ୍ଚାୟତରେ ମଙ୍ଗଳବାର ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାମନଗର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଡା. ସଞ୍ଜୟ ଦାସ, ବିଜେଡିର ବ୍ଲକ ସଭାପତି ରମେଶ ଚନ୍ଦ୍ର ମହାନ୍ତି, ଜିଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ଅସୁରାଳି ବିଜେଡି ଉପସଭାପତି କୁଞ୍ଜବିହାରୀ ନାୟକ, ଜିଲା ଯୁବ ସମ୍ପାଦକ ଅରୁଣ ସାହୁ, ବ୍ଲକ ଯୁବ ଉପସଭାପତି ଅଶୋକ କୁମାର ଦାସ, ପଞ୍ଚାୟତ ଯୁବ ସଭାପତି ଶ୍ରୀକାନ୍ତ ପଣ୍ଡା, ଅଜୟ ଜେନା, ଗୋପାଳ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଜେଡିର ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥିନୀଙ୍କୁ ଆଗାମୀ ନିର୍ବାଚନରେ ବିପୁଳ ଭୋଟରେ ଜିତାଇବା ପାଇଁ ରଣନୀତି ବାବଦରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଘରେ ଘରେ ପହଞ୍ଚାଇବା ପାଇଁ କମିଟି ଗଠନ କରାଯାଇଛି।

## ବିଜେଡିର ବ୍ଲକସ୍ତରୀୟ ନିର୍ବାଚନୀ ବୈଠକ


ବୈଠକରେ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକଙ୍କ ସହ ବିଜେଡିର କର୍ମକର୍ତ୍ତା।

ଆଗରପଡ଼ା,୧୬।୪(ସୁଶାନ୍ତ ଦାଶ)

ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଆଗରପଡ଼ାସ୍ଥିତ ମହତାବ ମେମୋରିଆଲ ହଲ୍‌ରେ ମଙ୍ଗଳବାର ବିଜେଡି ପକ୍ଷରୁ ବ୍ଲକସ୍ତରୀୟ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୁଷଣ୍ଡ ସେବା ସମବାୟ ସମିତିର ସଭାପତି ପ୍ରଶାନ୍ତ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲା ପରିଷଦ ସଭ୍ୟା ରୁନୀତା ଦାସ, ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, କାହ୍ନୁ ଦାସ, ଶ୍ରୀନାଥ ମହାନ୍ତି ପ୍ରମୁଖ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରତ୍ୟେକ ପଞ୍ଚାୟତସ୍ତରୀୟ କର୍ମୀ ସଙ୍ଗଠିତ ଭାବେ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ କୁହାଯାଇଥିଲା। ଯୁବନେତା ସ୍ମୃତିରଞ୍ଜନ ସ୍ୱାଇଁ, ଭବେନ୍ଦ୍ର ସାହୁ, ଜୟନ୍ତ ସାମଲ, ଅଶୋକ କୁମାର ପାଣିଗ୍ରାହୀ, ପ୍ରକାଶ ବିଶ୍ୱାଳ, ବିଜୟ ଖଟୁଆ, ସୁବାସ ଦାସ, ପରମେଶ୍ୱର ବାରିକ, ରବୀନ୍ଦ୍ର ଦାସ, ସମିମ ନୱାଜ ପ୍ରମୁଖ ଦଳୀୟ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଯୋଗଦେଇ ଦଳକୁ ମଜଭୁତ କରିବାକୁ ସଂକଳ୍ପ ନେଇଥିଲେ।

## 'ଲୋକକଳା, ପାଲା ଓଡ଼ିଆ ସଂସ୍କୃତିର ପ୍ରାଣ'

ବାସୁଦେବପୁର,୧୬।୪ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ନୀଳମଣି ଟାଉନହଲ୍ ପରିସରରେ ମଙ୍ଗଳବାର ଅଷ୍ଟମ ବାର୍ଷିକ ଲୋକକଳା ଓ ପାଲା ମହୋତ୍ସବ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ଆନୁକୂଲ୍ୟ ଓ ଅବସର ସହଯୋଗରେ ଆରମ୍ଭ ହୋଇଛି। ଦୁଇଦିନ ବ୍ୟାପୀ ଏହି ଦିବାରାତ୍ର ଲୋକକଳା ଓ ପାଲା ମହୋତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଲୋକକଳା ଓ ପାଲା ହେଉଛି ଓଡ଼ିଆ ସଂସ୍କୃତିର ପ୍ରାଣ। ଲୋକକଳା ଓ ପାଲା ଆମ ଓଡ଼ିଆ ଜାତିକୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ବିଧାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ, କଳାକାର ଗିରିଶ ଚନ୍ଦ୍ର ସାମଲ, ପୌରପାଳିକା ଭାଇସ୍ ଚେୟାରମ୍ୟାନ ଉତ୍ତମ କୁମାର ବାରିକ ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ କଳାକାର ତଥା ଓଡ଼ିଶା ରାଜ୍ୟ ସଙ୍ଗୀତ ସାହିତ୍ୟ ଏକାଡେମୀ ପୁରସ୍କୃତ ସୁବାସ ଚନ୍ଦ୍ର ମଲିକ ଯୋଗ ଦେଇଥିଲେ। ଲୋକକଳା ଓ ପାଲା କିପରି ଆମ ଓଡ଼ିଆ ଭାଷା ସାହିତ୍ୟର ରକ୍ଷା କବଚ ସାଜିଛି ସେନେଇ ବକ୍ତବ୍ୟ ରଖିଥିଲେ।

ପାଲା ମଣ୍ଡଳର ସଭାପତି ସନାତନ ପୁରୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବରିଷ୍ଠ ଉପଦେଷ୍ଟା ଅମୂଲ୍ୟରତ୍ନ ସାହୁଙ୍କ ପୁସ୍ତକ 'ଶାପମୋଚନ' ଲୋକାର୍ପିତ ହୋଇଥିଲା। ସମ୍ପାଦକ କପିଳନାଥ ଶର୍ମା ବିବରଣୀ ପାଠ ସହ ଧନ୍ୟବାଦ ଦେଇଥିଲେ। ଏହି ମଞ୍ଚରେ ବରିଷ୍ଠ ଉପଦେଷ୍ଟା ଅମୂଲ୍ୟରତ୍ନ, ଗାୟକ ନୀଳକଣ୍ଠ ପାତ୍ର, ପଞ୍ଚାନନ ପରିଡ଼ା, ବ୍ରହ୍ମାନନ୍ଦ ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକକଳା ଓ ପାଲା କଳାକାରମାନେ ଅତିଥିମାନଙ୍କୁ ବ୍ଲକ ପରିସରରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଇ ଟାଉନହଲ୍ ପର୍ଯ୍ୟନ୍ତ ନେଇଥିଲେ। କବି ରତ୍ନାକର ପଣ୍ଡା, କଳାକାର ଓ କବି ପ୍ରହ୍ଲାଦ ବାରିକଙ୍କ ସମେତ ୩ ଶହରୁ ଊର୍ଦ୍ଧ୍ୱ କଳାକାର ଉପସ୍ଥିତ ଥିଲେ। ମଞ୍ଚରେ ପାଲା ଓ ଲୋକକଳା ପ୍ରଦର୍ଶିତ ହୋଇଥିଲା।


ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଲୋକକଳା ଓ ପାଲା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭଣ୍ଡାରିପୋଖରୀ, ୧୬।୪ (ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତର ରାଢୋଠାରେ ମହାବୀର ହନୁମାନଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଅବସରରେ ପ୍ରତିଷ୍ଠା ଉତ୍ସବ ସକାଶେ ବୈତରଣୀ ନଦୀରୁ ୧୦୮ କଳସ ଶୋଭାଯାତ୍ରା କରାଯାଇଥିଲା। ମନ୍ଦିର ପ୍ରାଙ୍ଗଣରେ କଳସ ସ୍ଥାପନା ପରେ ସୂର୍ଯ୍ୟ ପୂଜା, ଗୁରୁ ପୂଜା, ସର୍ବ ଦେବଦେବୀ ପୂଜା ଓ ଗୋପୂଜା ହୋଇଥିଲା। ମହାବୀରଙ୍କ ପ୍ରାଣ ପ୍ରତିଷ୍ଠା, ଚକ୍ଷୁଦାନ, ମହାଯଜ୍ଞ, ଆଳତି, ହନୁମାନ ଚାଳିଶା ପାଠ କରାଯାଇଥିଲା। ପୂଜକ ଶଙ୍କର୍ଷଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସାଥି ପୂଜକ ନାରାୟଣ ତ୍ରିପାଠୀ, ଉମାକାନ୍ତ ତ୍ରିପାଠୀ, ନିଶିକାନ୍ତ ତ୍ରିପାଠୀ, ସତ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ସଂକଳ୍ପ କର୍ତ୍ତା ଭାବେ ଅମିତ ଲେଙ୍କା ଓ ଅମିତା ଲେଙ୍କା ଦାୟିତ୍ୱ ତୁଲାଇଥିଲେ। ତିନିଦିନ ବ୍ୟାପୀ ପ୍ରତିଷ୍ଠା ଉତ୍ସବକୁ ଶ୍ରୀଧର ଲେଙ୍କା, ସୁରେନ୍ଦ୍ର ଲେଙ୍କା, ନିର ଲେଙ୍କା, ଶରତ ଧଳ, ବାବୁଲି ଲେଙ୍କା, ରାଜେନ୍ଦ୍ର ସାହୁ, ପଞ୍ଚାନନ ଲେଙ୍କା, ସତ୍ୟବ୍ରତ ଲେଙ୍କା, ସଂଗ୍ରାମ ଲେଙ୍କା, କୈଳାସ ଲେଙ୍କା, ମାନସ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଚାନ୍ଦବାଲି ହେବ ଶିଳ୍ପ ହବ୍: ମନମୋହନ

ଚାନ୍ଦବାଲି,୧୬।୪(କିଷାନ ପାତ୍ର )

ଚାନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩ ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା ପରେ ରାଜନୈତିକ ଉଷ୍ମତା ବଢ଼ି ଯାଇଛି। ଭାଜପାରୁ ରାଜ୍ୟ ସଭାପତି ମନମୋହନ ସାମଲ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିରୁ ଲଗାତାର ଜିତି ଆସୁଥିବା ବିଧାୟକ ବ୍ୟୋମକେଶ ରାୟ ଓ କଂଗ୍ରେସରୁ ଅମିୟ ମହାପାତ୍ର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ଚାନ୍ଦବାଲି ବିଧାୟକଙ୍କ ମାମୁ ତଥା ବରିଷ୍ଠ ବିଜେଡି ନେତା ଅଜୟ ନାୟକ ଭାଜପାରେ ସାମିଲ ହେବା ପରେ ରାଜନୈତିକ ବାତାବରଣ ସରଗରମ ହୋଇଛି। ଏହି ନିର୍ବାଚନମଣ୍ଡଳୀରେ ଭାଜପା ସୁଦୃଢ଼ ହେବା ସହ ଏଥର ପରିବର୍ତ୍ତନ ହୋଇପାରିବ ବୋଲି ଆଲୋଚନା ହେଉଛି। ଦୀର୍ଘ ବର୍ଷ ଧରି ଦଳରେ ରହି ତୃଣମୂଳ ସ୍ତରରୁ ମଜଭୁତ କରିଥିବା କର୍ମୀ ଏବେ ବିଜେଡି ପାଇଁ ଏକପ୍ରକାର ଅଲୋଡ଼ା ହୋଇଯାଇଛନ୍ତି ବୋଲି ମଙ୍ଗଳବାର ଚାନ୍ଦବାଲି ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅଜୟ କହିଛନ୍ତି। ଆଗାମୀ ଦିନରେ ଅନେକ ବିଜେଡି କର୍ମୀ ଭାଜପାରେ ଯୋଗଦେବେ। ଚାନ୍ଦବାଲି ଡାକ୍ତରଖାନାରେ ଡାକ୍ତର ସମସ୍ୟା ବର୍ତ୍ତମାନ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ବିଧାୟକ କି ପଦକ୍ଷେପ ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ବୈଠକରେ ମନମୋହନ କହିଛନ୍ତି, ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର, ମୋଦିଜୀ କରିଥିବା ୧୦ ବର୍ଷର ବିକାଶକୁ ନେଇ ସେମାନେ ଲୋକଙ୍କ ପାଖକୁ ଯିବେ। ପୂର୍ଣ୍ଣାଙ୍ଗ ଚାନ୍ଦବାଲିର ବିକାଶ ଚିତ୍ର, ଚାନ୍ଦବାଲି ଶିଳ୍ପ ସମୃଦ୍ଧ ଅଞ୍ଚଳ ତଥା ଶିଳ୍ପ ହବ୍ ହେବ।

ଜିଲା ଉପସଭାପତି କମଳାକାନ୍ତ ସୂତାର, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ, ପୂର୍ଣ୍ଣ ପାଣି, କାହ୍ନୁଚରଣ ବେହେରା, ମିତ୍ରଭାନୁ ଦାସ, କିଶୋର ନାୟକ, ଦେବେନ୍ଦ୍ର ନାୟକ, ସରୋଜ ବଳ, ଦୈତାରୀ ନାୟକ, ଅଭୟ ବଳ, ରାଜାରାମ ମହାକୁଡ଼, ବିଜୟ ବେହେରା, ସ୍ମୃତିରଞ୍ଜନ ନାୟକଙ୍କ ସହ ସରପଞ୍ଚ ଓ ସମିତିସଭ୍ୟ ବୈଠକରେ ଉପସ୍ଥିତ ଥିଲେ।


ପାର୍ଟି କାର୍ଯ୍ୟାଳୟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ କର୍ମକର୍ତ୍ତାମାନେ।

**ବୃଦ୍ଧାଙ୍କ ମୃତଦେହ ଜବତ**

ବେତନଟୀ,(ଧରଣୀଧର ମହାନ୍ତି): ବେତନଟୀ ଥାନା ଅଧୀନ ସୁରେଇଡିହ ଗ୍ରାମର ଜଣେ ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତା ବୃଦ୍ଧା ଜଣକ ହେଲେ ଉକ୍ତ ଗ୍ରାମର କାଳୀଚରଣ ମହାନ୍ତଙ୍କ ସ୍ତ୍ରୀ ଗୁରୁବାରୀ (୬୪)। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।



## ସଂକ୍ଷେପରେ

### ଭୋଟର ସଚେତନତା କାର୍ଯ୍ୟକ୍ରମ

ଗୋପବନ୍ଧୁ ନଗର, ୧୬।୪
(ଶାନ୍ତନୁ କୁମାର ମଡୁଆଲ)

ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଫିସର ଅଧ୍ୟାପିକା ରାଜଲକ୍ଷ୍ମୀ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ ସୁବଳ ଦାସ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ବିଡିଓ କରୁଣାକର ଧିନ୍ଦା ଯୋଗଦେଇ ଭୋଟରଙ୍କ ଭୂମିକା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥି ଭାବେ ଇଂରାଜୀ ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ, ଅଧ୍ୟାପିକା ମୀତାରାଣୀ ଦ୍ୱିବେଦୀ ଯୋଗଦେଇ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନରେ ଓରୋ ପ୍ରକାଶ ଦାସ ପ୍ରଥମ, ସୋନାଲି ସାହୁ ଦ୍ୱିତୀୟ ଓ ପ୍ରତ୍ୟୁଷ ଦାସ ତୃତୀୟ ହୋଇଥିଲେ। ସେହିପରି ତର୍କରେ ତପଜାନୀ ଦାସ ପ୍ରଥମ, ପ୍ରତିମା ସେଠୀ ଦ୍ୱିତୀୟ ଓ ରେଶମା ଖାତୁନ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀଙ୍କୁ କଲେଜ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଏବଂ କର୍ମଚାରୀମାନେ ପରିଚାଳନା କରିଥିଲେ।

### ପୋଷ୍ଟାଲ ବାଲଟ ମତଦାନ ଉପରେ ଗୁରୁତ୍ୱ

ବାରିପଦା, ୧୬।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାଧାରଣ ନିର୍ବାଚନ- ୨୦୨୪ରେ ପୋଷ୍ଟାଲ ବାଲଟ ମତଦାନକୁ ଆହୁରି ଅଧିକରୁ ଅଧିକ ସୁଦୃଢ଼ କରିବା ନିମନ୍ତେ ମୟୂରଭଞ୍ଜ ପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତି ଚଳାଇଛି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲାପାଳ ତଥା ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନେତ୍ରାନନ୍ଦ ମଲ୍ଲିକଙ୍କ ଅଧକ୍ଷତାରେ ଜିଲା ଜରୁରୀକାଳୀନ ନୋଡାଲ ଅଫିସର ମାନଙ୍କର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଜରୁରୀକାଳୀନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ କିପରି ନିର୍ଦ୍ୱନ୍ଦ୍ୱରେ ଏହି ନିର୍ବାଚନ ପର୍ବରେ ପୋଷ୍ଟାଲ ବାଲଟ ଦ୍ୱାରା ସାମିଲ ହୋଇ ପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ।

ସୂଚନା ଅନୁଯାୟୀ, ପୋଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ ସେବା ଓ ଗଣମାଧମ ସଂସ୍ଥା ମାନଙ୍କରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଆବଶ୍ୟକୀୟ ସେବାରେ କାର୍ଯ୍ୟରତ ଅଟନ୍ତି ଏବଂ ମତଦାନ ଦିନ ଏମାନଙ୍କ ଦାୟିତ୍ୱ ଅଧିକ ରହୁ ଥିବାରୁ ଏହି କର୍ମଚାରୀମାନେ କିଭଳି ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ କରିବେ ସେ ଦାୟିତ୍ୱ ଜିଲାରେ କାର୍ଯ୍ୟରତ ସେହି ବିଭାଗ ଅଧିକାରୀ ତଥା ନୋଡାଲ ଅଫିସରଙ୍କ ତତ୍ତ୍ୱାବଧାନରେ ହେବ। ଏହି ପୋଷ୍ଟାଲ ବାଲଟ ବ୍ୟବସ୍ଥାରେ ଗାଡି ଚାଳକ ଏବଂ ଯାନବାହାନରେ କାର୍ଯ୍ୟରତ ସମସ୍ତଙ୍କୁ ମଧ୍ୟ ଏଥର ସାମିଲ କରାଯାଇଛି। ବୈଠକରେ ଜିଲା ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଭୟ କୁମାର ଦାଶ, ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ଦେଙ୍କ ସମେତ ଟିପିଏନ୍‌ଓଡିଏଲର ମୁଖ୍ୟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ପ୍ରାର୍ଥୀ ଚୟନକୁ ନେଇ ଛିଡୁନି ଅଙ୍କ

ବାଙ୍ଗିରିପୋଷି, ୧୬।୪
(ସଞ୍ଜୟ କୁମାର ଅଗ୍ରୱାଲା)

**ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀ**


ମୁରଲୀଧର ନାଏକ


ସଞ୍ଜଲୀ ମୁର୍ମୁ


ବିଷ୍ଣୁ ସିଂ

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇସାରିଛି। କଂଗ୍ରେସର ବିଭିନ୍ନ ପଦ ପଦବୀରେ ରହି ୩୦ ବର୍ଷ ଧରି ନିଷ୍ଠାପର କାର୍ଯ୍ୟ କରିଥିବା ତଥା କଂଗ୍ରେସ ବ୍ଲକ ସଭାପତି ଭାବରେ ସଂଗଠନ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରୁଥିବା ମୁରଲୀଧର ନାଏକଙ୍କୁ ଦଳ ପ୍ରାର୍ଥୀ କରିଛି। ମଙ୍ଗଳବାର ଭାଜପା ପକ୍ଷରୁ ନୂଆ ମୁହଁ ଭାବେ ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ସଞ୍ଜଲୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ରାଜନୈତିକ ବାତାବରଣ ସରଗରମ ହୋଇଛି। ନିର୍ବାଚନ ପାଖେଇ ଆସୁଥିବା ବେଳେ ଶାସକ ବିଜେଡିର ପ୍ରାର୍ଥୀ ଘୋଷଣା ତାରିଖ ବଢ଼ିବଢ଼ି ଚାଲିଛି । ଏହି କ୍ରମରେ ବିଜେଡି ପ୍ରାର୍ଥୀତ୍ୱ ଆଶା ଆଶଙ୍କାର ଅନ୍ତ କେବେ ହେବ ତାହାକୁ ନେଇ କର୍ମୀମାନେ ଚାତକ ଭଳି ଚାହିଁ ରହିଛନ୍ତି। ବିଜେଡିର ଶୀର୍ଷ ନେତୃବୃନ୍ଦ ଟିକେଟ ଦେବା ପାଇଁ ଯୋଗ୍ୟ ପ୍ରାର୍ଥୀ ଚୟନ କରିବାକୁ ମାନସମନ୍ଥନ ଚଲାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଜେଏମ୍‌ଏମ୍ ପକ୍ଷରୁ ବିଷ୍ଣୁ ସିଂଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି।

# ଅଶୋକାଷ୍ଟମୀ ପୂଜା



ବାରିପଦା, ୧୬।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରର ବିଭିନ୍ନ ପୂଜାମଣ୍ଡପରେ ମା' ବାସନ୍ତୀଙ୍କ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଅଶୋକାଷ୍ଟମୀ ଅବସରରେ ଶ୍ରଦ୍ଧାଳୁମାନେ ବେଶ ଆନନ୍ଦ ଉଲ୍ଲାସର ସହ ମଣ୍ଡପକୁ ଆସି ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ବାରିପଦା ସହରରେ ସର୍ବ ପ୍ରଥମେ ୧୯୫୩ ମସିହାରେ ଶୁନଗଡିଆ ମଣ୍ଡପ ଠାରେ ମା' ବାସନ୍ତୀଙ୍କ ସାର୍ବଜନୀନ ପୂଜା ଆରମ୍ଭ ହୋଇଥିଲା । ଚଳିତ ବର୍ଷ ଏହା ୭୨ ବର୍ଷରେ ପହଞ୍ଚିଛି। ସେହିଦିନଠାରୁ ପ୍ରତିବର୍ଷ ରିତିନିତି ଅନୁଯାୟୀ ଏଠାରେ ମଣ୍ଡପରେ ପୂଜା ହୋଇ ଆସୁଛି। ଏହାସହ ବାଘଡାରୋଡ ଓ ପାଲବଣୀ ଅଞ୍ଚଳର ମଣ୍ଡପଗୁଡିକରେ ମଧ୍ୟ ପୂଜା ଅନୁଷ୍ଠିତ ହୋଇଆସୁଛି । ବୁଧବାର ମଣ୍ଡପଗୁଡିକରେ ରାମ ନବମୀ ପୂଜା ହେବ ବୋଲି ମା'ଙ୍କୁ ପୂଜକ ସୁଚନା ଦେଇଛନ୍ତି।

# ଉଦଳାରେ ମା' ବାସନ୍ତୀଙ୍କ ପୂଜା

ଉଦଳା, ୧୬।୪
(ସନ୍ତୋଷ କୁମାର ବାଛିନୀ)

ଉଦଳା ବାସନ୍ତୀ ମଣ୍ଡପରେ ମା' ବାସନ୍ତୀଙ୍କ ପୂଜା ଅନୁଷ୍ଠିତ ହେଉଛି । ପ୍ରଥମ ଦିବସରେ ବିଲ୍ୱାଧିବାସ, ଦ୍ୱିତୀୟ ଦିବସରେ ମହାସପ୍ତମୀ ପୂଜାର୍ଚ୍ଚନା ନୀତିକାନ୍ତି ଅନୁସାରେ ସମାପ୍ତ ହେବା ପରେ ମଙ୍ଗଳବାର ଅଶୋକାଷ୍ଟମୀ ପୂଜା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି । ପ୍ରାୟ ଏକ ହଜାରରୁ ଅଧିକ ମହିଳା ଶ୍ରଦ୍ଧାଳୁ ଦେବୀଙ୍କ ମଣ୍ଡପରେ ଅଶୋକାଷ୍ଟମୀ ପୂଜାର୍ଚ୍ଚନା କରିବା ସହିତ ପୁଷ୍ପାଞ୍ଜଳି ପ୍ରଦାନ, ଦର୍ଶନ ଏବଂ ସଂକଳ୍ପ କରିଥିଲେ। ବିଶେଷକରି ଅଶୋକାଷ୍ଟମୀରେ ବ୍ରତୀ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପୂଜା କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଚଳିତ ବର୍ଷ ପୂଜାରେ ମୁଖ୍ୟକର୍ତ୍ତା ଭାବେ ଭୋଳାନାଥ ଜେନା, ତପନ କୁମାର ଦାସ ଏବଂ ନିରଞ୍ଜନ ପଣ୍ଡା ଘଟୋତ୍ତଳନ କରି ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। କମିଟିର ସଭାପତି ବିଷ୍ଣୁପାଦ ସଦୁଆଲଙ୍କ ତତ୍ତ୍ୱାବଧାନରେ ସଦସ୍ୟ ପ୍ରସନ୍ନ ରାଉତ, ଶିଶିର କୁମାର ପରିଛା,


ମଣ୍ଡପରେ ପୂଜା ପାଉଥିବା ମା' ବାସନ୍ତୀ।

ଅମୀୟ କୁମାର ବଳ, ବିଜୟ ପଣ୍ଡା, ଅଶୋକ କୁମାର ଦାସ, ରଞ୍ଜନ ମହାନ୍ତି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ପୂଜାକୁ ସୁଚାରୁ ରୂପେ ସମ୍ପନ୍ନ କରିବାରେ ସହଯୋଗ କରିଥିଲେ। ଭିଡକୁ ଦୃଷ୍ଟିରେ ରଖି ଉଦଳା ପୋଲିସ ପକ୍ଷରୁ ପୋଲିସ ନିୟୋଜିତ କରାଯାଇଥିଲା । ସେହିଭଳି ଭାବେ ପୂଜା ମଣ୍ଡପରେ ରାମନବମୀ, ଦଶହରା ପୂଜାର୍ଚ୍ଚନା ବିଧିବଦ୍ଧ ଭାବେ ସମ୍ପନ୍ନ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

# ବିଜେଡିର ନିର୍ବାଚନୀ ବୈଠକ

ବେତନଟୀ, ୧୬।୪(ଧରଣୀଧର ମହାନ୍ତି)

ବାଲେଶ୍ୱର ଲୋକସଭା ଆସନ ଅଧୀନ ବଡ଼ସାହି ନିର୍ବାଚନମଣ୍ଡଳୀର ବେତନଟୀ ଧର୍ମଶାଳାଠାରେ ମଙ୍ଗଳବାର ବିଜୁ ଜନତା ଦଳରର ପ୍ରଥମ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନମଣ୍ଡଳୀ କୋ ଅର୍ଡିନେଟର ସୁବ୍ରମଣ୍ୟମ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବାଲେଶ୍ୱର ଏମ୍ପି ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାର ଓ ବଡ଼ସାହି ବିଧାୟକ ପ୍ରାର୍ଥିନୀ ଅନୁସୂୟା ପାତ୍ର ଯୋଗଦାନ କରିଥିଲେ। ଆସନ୍ତା ଜୁନ ୧ ତାରିଖରେ ଏଠାରେ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ଏହି ନିର୍ବାଚନ ମଣ୍ଡଳୀର ବେତନଟୀ ଓ ବଡ଼ସାହି ବ୍ଲକର ବିଜେଡି ସଂଗଠନର ବହୁ କର୍ମକର୍ତ୍ତା ଯୋଗଦାନ କରିଥିଲେ। ଏହି ବୈଠକରେ ଏମପି ପ୍ରାର୍ଥିନୀ ଲେଖାଶ୍ରୀ ଓ ଅନୁସୂୟାଙ୍କୁ କର୍ମୀମାନଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ପରେ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଥିଲା। ଲେଖାଶ୍ରୀ ନିଜ ବକ୍ତବ୍ୟ ମାଧ୍ୟମରେ ସମସ୍ତ ବିଜେଡି କର୍ମୀ ମିଳି ମିଶି କାମ କରିବା ପାଇଁ ପରାମର୍ଶ ଦେଇଥିଲେ।



ବୈଠକରେ ଉପସ୍ଥିତ ଏମ୍ପି, ବିଧାୟକ ପ୍ରାର୍ଥିନୀ ଓ ଅନ୍ୟମାନେ।

### ବୈଶିଙ୍ଗାରେ କୁକୁଡ଼ା ମଡ଼କ

ବୈଶିଙ୍ଗା, ୧୬।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ଓ ବୈଶିଙ୍ଗା ଅଞ୍ଚଳରେ କୁକୁଡ଼ା ମଡ଼କ ଦେଖିବାକୁ ମିଳିଛି। ହଜାର ହଜାର ସଂଖ୍ୟାରେ ଦେଶୀ କୁକୁଡ଼ା ମରି ପଡୁଛନ୍ତି। କୁକୁଡ଼ା ପାଳନରୁ ବେଶ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିବା ଗ୍ରାମାଞ୍ଚଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଫଳରେ ଚିକେନ ଦୋକାନ ଗୁଡିକରେ ଆଉ ଦେଶୀ କୁକୁଡ଼ା ମିଳୁନାହିଁ। ଯଦିଓ ଅଳ୍ପ କେତୋଟି ଦୋକାନରେ ମିଳୁଛି ଗୋଟା କୁକୁଡ଼ାର ଦର କେଜି ପ୍ରତି ୭୦୦ ଟଙ୍କାରେ ବିକ୍ରି ହେଉଛି। ମାତ୍ର ଜାନୁୟାରୀ ପୂର୍ବରୁ ଏହାର ଦର ଥିଲା ୪୦୦ ଟଙ୍କା। ଅନ୍ୟ ପକ୍ଷରେ ଖାସି ମାଂସ ୭୦୦ ଟଙ୍କା ଦରରେ ମିଳିଯାଉଛି।

ମୃତ୍ୟୁ ପୂର୍ବରୁ କୁକୁଡ଼ାମାନଙ୍କ ମଳର ରଙ୍ଗ ବଦଳିଯାଇ ଧଳା ରଙ୍ଗର ହେଉଥିବା ଶ୍ରୀବସ୍ତପୁର ଗ୍ରାମର ବଂଶୀଧର ଜେନା ଓ ଯୁଗଳ ଗ୍ରାମର ଉପେନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଏ ବାବଦରେ ବୈଶିଙ୍ଗା ପ୍ରାଣୀ ଚିକିତ୍ସାଳୟର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସ୍ୱୟଂ ପ୍ରକାଶ ନାୟକଙ୍କ ପ୍ରତିକ୍ରିୟା ନେବାରୁ ପକ୍ଷୀ ମଡକ ରୋଗର ପ୍ରତିଷେଧକ ଟୀକା ଡାକ୍ତରଖାନାରେ ମହଜୁଦ ଅଛି। ମାତ୍ର ଗାଁଗହଳିରେ ଥିବା କୁକୁଡ଼ା ଚାଷୀଙ୍କ ସଚେତନତା ଅଭାବ ଯୋଗୁ ସେମାନେ ଠିକଣା ସମୟରେ କୁକୁଡ଼ାମାନଙ୍କୁ ଡାକ୍ତରଖାନା ଆଣି ଟୀକାକରଣ କରାଉ ନ ଥିବା ହେତୁ ପକ୍ଷୀ ମଡକ ରୋଗ ଦୃତ ବେଗରେ ମାଡ଼ି ଚାଲିଛି ବୋଲି କହିଛନ୍ତି। ତେବେ ଏଭଳି ପରିସ୍ଥିତିରେ ସରକାରଙ୍କ ପକ୍ଷରୁ ବ୍ୟାପକ ମାତ୍ରାରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଜରୁରୀ ବୋଲି ସ୍ଥାନୀୟ ଅଞ୍ଚଳରେ ମତପ୍ରକାଶ ପାଉଛି। ଅନ୍ୟ ପକ୍ଷରେ ପ୍ରାଣୀ ଚିକିତ୍ସାଳୟର କର୍ମଚାରୀମାନେ ପ୍ରତ୍ୟେକ ସାହି ବସ୍ତିରେ ଘରକୁ ଘର ପରିଦର୍ଶନ କରି ଟୀକାକରଣ କଲେ ଏହି ରୋଗର ନିରାକରଣ କରାଯାଇ ପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

# ଅବକାରୀ ଚଢ଼ାଉ, ୩ ଗିରଫ

ମୋରଡ଼ା, ୧୬।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ଅବକାରୀ ଅଧିକାରୀ ବ୍ରଜମୋହନ ମଲ୍ଲିକ ଟିମ୍ ସହ ବେତନଟୀ ଥାନା ଅଧୀନ ଭାଲିଆଡିହା ପଞ୍ଚାୟତର ବନ୍ଧସାହିର ଏକ ବେଆଇନ ଭାଟିରେ ଚଢ଼ାଉ କରି ୧୦୦ ଲିଟର ଦେଶୀ ମଦ ଜବତ କରିବା ସହିତ ୧୫୦୦ ଲିଟର ମହୁଲ ପୋଚ ନଷ୍ଟ କରିଛନ୍ତି। ଏଥି ସହିତ ୩୦ଟି ପ୍ଲାଷ୍ଟିକ ଡ୍ରମ, ଦୁଇଟି ଡେକଚି ମଧ୍ୟ ଜବତ କରିଛନ୍ତି। ଏହି ଘଟଣାରେ ପଦ୍ମିନୀ ମୁର୍ମୁ ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସେହିପରି ଉକ୍ତ ପଞ୍ଚାୟତର ଡାକୋଇ ଗ୍ରାମରେ ଚଢ଼ାଉ କରି ୩୦ ଲିଟର ଦେଶୀ ମଦ ଜବତ କରିବା ସହିତ ତ୍ରିଲୋଚନ ବେହେରାଙ୍କୁ ଗିରଫ କରାଯାଇଛି। ପରେ ଗଡିଗାଁ ପଞ୍ଚାୟତର ଫୁଲବାଡିଆ ଗ୍ରାମରେ ଚଢ଼ାଉ କରି ୧୫ଲିଟର ଦେଶୀ ମଦ ଜବତ କରିବା ସହିତ ଯଶୋବନ୍ତ ମହାନ୍ତଙ୍କୁ ଗିରଫ କରାଯାଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜଣଙ୍କୁ ୪୧(କ) ଧାରା ଅନୁଯାୟୀ ଜଣଙ୍କୁ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି । ତେବେ ଆଗକୁ ନିର୍ବାଚନ ଥିବା ଦୃଷ୍ଟିରେ ଅଧିକରୁ ଅଧିକ ଚଢ଼ାଉର ଆବଶ୍ୟକତା ରହିଛି ବୋଲି ଲୋକେ ଦାବି କରିଛନ୍ତି।

# ଥାନାରୁ ଅଟକ ଅଭିଯୁକ୍ତ ଫେରାର

ବାରିପଦା, ୧୬।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଭଞ୍ଜପୁର ଥାନାରେ ଅଟକ ଥିବା ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏନେଇ ଉତ୍ତେଜନା ପ୍ରକାଶ ପାଇଛି। ପରିବାର ଲୋକେ ପହଞ୍ଚି ଅଭିଯୁକ୍ତଙ୍କୁ ପୋଲିସ ଲୁଚାଇ ରଖିଥିବା ଅଭିଯୋଗ କରି ହୋହଲ୍ଲା କରିଛନ୍ତି।

ସୂଚନାଯୋଗ୍ୟ, ୩ ମାସ ପୂର୍ବେ ଭୁଗୁଡାକଟା ଅଞ୍ଚଳର ବସନ୍ତ ମଣ୍ଡଳ ଜଣେ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଫେରାର ପ୍ରେମିକ ଘରକୁ ଫେରି ରହିବା ପରେ ଉଭୟ ପରିବାର ପକ୍ଷରୁ ଆପୋଷ ବୁଝାମଣା ମଧ୍ୟରେ ବିବାହ କରିଦେବାକୁ ରାଜି ହୋଇ ଚୁପ ବସିଥିଲେ । ତେବେ ସୋମବାର ଖବରପାଇ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା। ମଙ୍ଗଳବାର ଅପରାହ୍ନରେ ଅଭିଯୁକ୍ତ ଜଣକ ଶୌଚ ହେବାକୁ ଯାଇ ବାଥରୁମର ସ୍କାଏ ଲାଇଟ ବାଟ ଦେଇ ଫେରାର ହୋଇଯାଇଥିବା ପୋଲିସ ସଫେଇ ଦେଇଥିବା ଅଭିଯୁକ୍ତଙ୍କ ପରିବାରର ସଞ୍ଜୟ ମଣ୍ଡଳ, ମୀନତୀ ମଣ୍ଡଳ, ଗୁଲାନ୍ଦାର ମଣ୍ଡଳ, ସୂର୍ଯ୍ୟ ମଣ୍ଡଳ ପ୍ରମୁଖ ଗଣମାଧମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବାରିପଦା ଏସ୍‌ଡିପିଓ ସୁଜିତ ପ୍ରଧାନଙ୍କୁ ପଚାରିବାରୁ ଘଟଣାକୁ ନେଇ ତଦନ୍ତ ଚାଲିଛି । ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

# ତାରବାଡ଼ରେ ଛନ୍ଦିହୋଇ ହରିଣ ମୃତ

କୁଳିଅଣା, ୧୬।୪(ଆଦିକନ୍ଦ ସାହୁ)

କୁଳିଅଣା ପ୍ରାଣୀ ଚିକିତ୍ସା କେନ୍ଦ୍ର ପଛ ପଟ ତାର ବାଡ଼ରେ ଛନ୍ଦି ହୋଇ ଏକ ହରିଣର ମୃତ୍ୟୁ ହୋଇଛି। ବେକରେ ତାର ଲାଗି ଯିବାରୁ ହରିଣଟିକୁ ସଙ୍ଗେ ସଙ୍ଗେ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ଚିକିତ୍ସିତ ଅବସ୍ଥାରେ ହରିଣର ମୃତ୍ୟୁ ହୋଇଥିବା ପାତିହିଞ୍ଚି ଭିଏଏସ୍ ସୂଚନା ଦେଇଛନ୍ତି। ତୃଷାର୍ତ୍ତ ହରିଣଟି ପାଣି ପିଇବା ପାଇଁ ପାଖ ଜଙ୍ଗଲରୁ ଜନବସତି ମଧ୍ୟକୁ ପଶି ଆସିଥିବା ବେଳେ ଲୋକେ ତାକୁ ଘଉଡାଇବାରୁ ସେ ତାରବାଡ଼ରେ ଛନ୍ଦି ହୋଇପଡ଼ିବା ସନ୍ଦେହ କରାଯାଉଛି।

# ଇ-ନାମ ପୋର୍ଟାଲ ମାଧ୍ୟମରେ ଉତ୍ପାଦିତ ପରିବା ବିକ୍ରି କରି ଚାଷୀ ଖୁସ୍

ବୈଶିଙ୍ଗା, ୧୬।୪(ରତନ ଦାଶ)

ସରକାରଙ୍କ ସମବାୟ ବିଭାଗ ଦ୍ୱାରା ପରିଚାଳିତ ଇ-ନାମ ଯୋଜନାରେ ନିୟନ୍ତ୍ରିତ ବଜାର କମିଟି, ବେତନଟୀ ଇ-ନାମ ମଣ୍ଡି ମାଧ୍ୟମରେ ୨୧୯ ଗୋଟି କୃଷିଜାତ ଦ୍ରବ୍ୟର ବିକ୍ରୀ ବଟା ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ବେତନଟୀ ଇ-ନାମ ମଣ୍ଡିରେ ମୋରଡା ବ୍ଲକ ଅନ୍ତର୍ଗତ ଅଢ଼େଇକୁଳା ଗ୍ରାମର ଗଙ୍ଗାଧର ମହାନ୍ତି ଚାଷ କରିଥିବା ବୋଇତାଳୁ(କଖାରୁ) କେଜି ପ୍ରତି ୯ ଟଙ୍କା ହିସାବରେ ୩୫ କୁଇଣ୍ଟାଲ ବିକ୍ରି କରି ମୋଟ ୩୧୫୦୦ ଟଙ୍କା ପାଇଛନ୍ତି। ଉକ୍ତ କୃଷିଜାତ ଦ୍ରବ୍ୟକୁ ଉଦଳା ଇ-ନାମ ମଣ୍ଡିର ବ୍ୟବସାୟୀ ଇ ନାମ ପୋର୍ଟାଲର ଆନ୍ତଃରାଜ୍ୟ ପ୍ରକ୍ରିୟା ମାଧ୍ୟମରେ କ୍ରୟ କରିଛନ୍ତି। ଉକ୍ତ ଚାଷୀ ଇ-ନାମ ମାଧ୍ୟମରେ ବିକ୍ରି କରି ଅଧିକ ମୂଲ୍ୟ ପାଇଥିବାରୁ ଖୁସି ବ୍ୟକ୍ତ କରିବା ସହ ଅଞ୍ଚଳର ଚାଷୀମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ କୃଷିଜାତ ଦ୍ରବ୍ୟ ବିକ୍ରି କରି ଲାଭବାନ ହେବା ପାଇଁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଘଟଣା ସ୍ଥଳରେ ଇ-ନାମ ମଣ୍ଡିର ବିଶ୍ଳେଷକ ଅମିତ କୁମାର ବେରା, କେମିଷ୍ଟ ନାରାୟଣ ସ୍ୱାଇଁ, ଉଦଳା ଇ-ନାମ ମଣ୍ଡି ବିଶ୍ଳେଷକ ବିନୀତ କୁମାର ମହାପାତ୍ର, କୃଷି ଓଭରସିୟର କମଳ ଲୋଚନ ଧଳ ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କିଣା ବିକା ପ୍ରକ୍ରିୟାକୁ ବେତନଟୀ ମଣ୍ଡିର ସମ୍ପାଦକ ସଦାନନ୍ଦ ମାରାଣ୍ଡି ଉପସ୍ଥିତି ରହି ପରିଚାଳନା କରିଥିଲେ।


ଚାଷୀ କଖାରୁ ବିକ୍ରି କରିଛନ୍ତି।

# ଅଶୋକଝରୀ ରଥ ଟାଣିଲେ ବାଳିକା ବାଳକ

ବାରିପଦା, ୧୬।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୁଙ୍କ ବଡ଼ଦାଣ୍ଡରେ ଅଶୋକାଷ୍ଟମୀ ଉପଲକ୍ଷେ ଅଶୋକାଝରି (ରୁକୁଣା) ରଥଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ମହାରାଜାମାନଙ୍କ ଶାସନ ସମୟରୁ ପାଳିତ ହୋଇଆସୁଛି ଏହି ଅଶୋକଝରି ରଥଯାତ୍ରା। ପରମ୍ପରା ଅନୁଯାୟୀ, ଏହି ରଥକୁ କେବଳ ବାଳିକା ବାଳକମାନେ ଟାଣିଥାନ୍ତି। ଅପରାହ୍ନରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ହରିବଳଦେବ ଜୀଉ ମନ୍ଦିରରୁ ମହାପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ଦେବୀ ସୀତା ରଥାରୂଢ଼ ହୋଇ ଅଶୋକବନକୁ ଯାତ୍ରା କରିଥିଲେ। ବାରିପଦା ବଡ଼ ଜଗନ୍ନାଥ ମନ୍ଦିରର ରୀତିନୀତି ଓ ପ୍ରଚଳିତ ପରମ୍ପରା ଅନୁସାରେ ମହାପ୍ରଭୁମାନଙ୍କ ନିକଟରେ ପହଡ଼, ପଣା କାର୍ଯ୍ୟ ସମାପନ ହୋଇଥିଲା। ମନ୍ଦିର ପରିଛା


ବାଳିକା ବାଳକମାନେ ରଥ ଟାଣୁଛନ୍ତି।

ମହାପ୍ରଭୁଙ୍କ ଆଜ୍ଞାମାଳ ପାଇବା ପରେ ମନ୍ଦିରର ୩ ପୂଜାପଣ୍ଡା ପହଣ୍ଡିରେ ଠାକୁରମାନଙ୍କୁ ରଥାରୂଢ଼ କରାଇଥିଲେ। ଏହାପରେ ସୁସଜ୍ଜିତ ରଥକୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥିତି ଏବଂ ମନ୍ଦିରର ସେବାୟତମାନେ ଶଙ୍ଖ ଘଣ୍ଟ ଘଣ୍ଟାମୃଦଙ୍ଗ ସହିତ ହରିବୋଲ ସଂକୀର୍ତ୍ତନ ଓ ହୁଳହୁଳିରେ ବଡ଼ ଜଗନ୍ନାଥ ମନ୍ଦିରରୁ ବଡ଼ଦାଣ୍ଡରେ ଥିବା ମାଉସୀ ମା' ମନ୍ଦିର ନିକଟକୁ ବାଳକ ବାଳିକାମାନେ ଟାଣି ଆଣିଥିଲେ। ସେଠାରେ ସମସ୍ତ ସେବାୟତ ପରମ୍ପରା ଅନୁଯାୟୀ ଅଶୋକ ଫୁଲର କଢ଼ି ସଂଗ୍ରହ କରି ରଥ ନିକଟକୁ ଆଣିବା ପରେ ରଥରେ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନାରେ ଅଶୋକ କଢ଼ି ଲାଗି ହୋଇଥିଲା। ଏହାପରେ ଉକ୍ତ ଅଶୋକ କଢ଼ିକୁ ପ୍ରସାଦ ରୂପେ ବଣ୍ଟନ କରାଯାଇଥିଲା। ପ୍ରକାଶ ଥାଉକି, ଏହି ଅଶୋକାଷ୍ଟମୀ ତିଥିରେ ଅଶୋକ ଗଛର ଫୁଲକୁ ସେବନ କଲେ ସମସ୍ତ ପ୍ରକାରର ଦୁଃଖ ଦୂର ହେବା ସାଙ୍ଗକୁ ରୋଗ ବୈରାଗ୍ୟରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଆସିଛି ।

**ସିଦ୍ଧମଠ ନିକଟ ଜଙ୍ଗଲରେ ନିଆଁ**

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ମୁଖ୍ୟାଳୟ ପୁରୁଣା ସହର ସିଦ୍ଧ ମଠକୁ ଲାଗି ଥିବା ପାହାଡ଼ରେ ମଙ୍ଗଳବାର ନିଆଁ ଲାଗି ଦୂରରୁ ଧୂଆଁ ଦେଖିବାକୁ ମିଳିଥିଲା । କେନ୍ଦୁଝରର ତାପମାତ୍ରା ୪୦ ଡିଗ୍ରୀ ଥିବା ବେଳେ ଜଙ୍ଗଲରେ ନିଆଁ ପରିବେଶ ପାଇଁ ଚିନ୍ତାର ବିଷୟ ହୋଇଥାଏ । ନିଆଁକୁ ନ ଲିଭାଇଲେ ଏବଂ ବର୍ଷା ନ ହେଲେ ରାତିରେ ନିଆଁ ଚାରି ଆଡ଼େ ବ୍ୟାପିବା ସମ୍ଭାବନା ରହିଛି । ନିଆଁ ଲିଭାଇବାକୁ ସ୍ଥାନୀୟ ଅଞ୍ଚଳବାସୀ ନିବେଦନ କରିଛନ୍ତି ।

## ସଂକ୍ଷେପରେ

### ଟାଏକୋଣ୍ଡୋ ପ୍ରତିଯୋଗିତାରେ ଶୁଭଙ୍କରଙ୍କୁ ସ୍ୱର୍ଣ୍ଣ

ରାମଚନ୍ଦ୍ରପୁର,୧୬।୪(ଗଣେଶ୍ୱର ସା)



କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଗଡ଼ବାନ୍ଧଗୋଡା ଗ୍ରାମର ଆଇନଜୀବୀ ବିଚିତ୍ର କୁମାର ଚକ୍ରଙ୍କ ପୁଅ ଶୁଭଙ୍କର ସମରଜିତ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଏବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶେଷ ବର୍ଷ ଇଂରାଜୀ ସ୍ନାତକ ଛାତ୍ର ଅଟନ୍ତି। ମହାରାଷ୍ଟ୍ରର ନାସିକ ସ୍ପୋର୍ଟ କମ୍ପ୍ଲେକ୍ସଠାରେ ଆୟୋଜିତ ପ୍ରତିଯୋଗିତାରେ ଶୁଭଙ୍କର ଚମ୍ପିଆନ ହୋଇଥିଲେ। ଏଥିସହ ସେ ଆସନ୍ତା ମଇ ୧୫ରୁ ଭିଏତନାମରେ ଆରମ୍ଭ ହେବାକୁ ଥିବା ଦୁଇଦିନିଆ ଅଷ୍ଟମ ଏସିଆ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ସଫଳତାର ଶ୍ରେୟ ଶୁଭଙ୍କର ତାଙ୍କ ପ୍ରଶିକ୍ଷକ ଚିନ୍ମୟ ବେହେରାଙ୍କୁ ଦେଇଛନ୍ତି।

### ସଂଗ୍ରାମ ଜେନା ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ ପ୍ରସ୍ତୁତି

କେନ୍ଦୁଝର,୧୬।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ସ୍ମୃତିରେ ୨ୟ ସର୍ବଭାରତୀୟ ସଂଗ୍ରାମ ଜେନା ମେମୋରିଆ ଭଲିବଲ ଟୁର୍ନାମେଣ୍ଟ ପାଇଁ ସଂଗ୍ରାମ ସେନାର ଆବାହକ ମନୋଜ ପାତ୍ରଙ୍କ ଅଧକ୍ଷତାରେ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅପ୍ରେଲ ୨୦ ଓ ୨୧ ତାରିଖ ଦିନ ହାଟଡ଼ିହୀ ବ୍ଲକ୍ ମୁଖ୍ୟାଳୟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ନିକଟସ୍ଥ ପଡ଼ିଆରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ପୁଲ-ଏ ରେ ଇଷ୍ଟକୋଷ୍ଟ ରେଲୱେ ଭିସାକାପାଟନମ, ଇଷ୍ଟର୍ଣ୍ଣ କ୍ଲବ୍ କୋଲକାତା, ଛତିଶଗଡ଼ ପୋଲିସ ଦଳ ଥିବା ବେଳେ ପୁଲ-ବିରେ ସୂର୍ଯ୍ୟଶିଖା ଭଦ୍ରକ, ରେନବୋ କ୍ଲବ୍ ଭୁବନେଶ୍ୱର, କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଭଳି ଦଳ ରହିଛନ୍ତି। ବୈଠକରେ ପଦ୍ମନାଭ ସାମଲ, ଚିତ୍ତରଞ୍ଜନ ପାତ୍ର, ଅମିୟ ନାୟକ, ଧବଳେଶ୍ୱର ପଟ୍ଟନାୟକ, ସୁଧାକର ଓଝା, ଦେବାଶିଷ ବାରିକ, ଲିଟୁ ରାଉତଙ୍କ ସମେତ ସଂଗ୍ରାମ ସେନାର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

### ଛେନାପଦୀରେ ଅଷ୍ଟମ ପ୍ରହର ନଗର ପରିକ୍ରମା

ସୋସୋ(ସତ୍ୟବ୍ରତ ଜେନା)/
ହାଟଡିହୀ(ଶୁଭକାନ୍ତ ନାୟକ),୧୬।୪:

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଛେନାପଦୀ ଛକସ୍ଥିତ ବିଶ୍ୱ ତାରିଣୀ ମନ୍ଦିର ପରିସରରେ ଚଇତି ପର୍ବ ଉପଲକ୍ଷେ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଇଯାଇଛି। ସୋମବାରଠାରୁ ହରି ନାମ ୨୪ ଘଣ୍ଟା ଧରିବା ପରେ ମଙ୍ଗଳବାର ଅପରାହ୍ନରେ ନିତାଇଗୌରଙ୍କର ନଗର ପରିକ୍ରମା ଆରମ୍ଭ ହେଇ ଦଧି ବାଣ୍ଡ ଭଙ୍ଗନ କାର୍ଯ୍ୟ ସମାପନ ହେଇଥିଲା। ନଗର ପରିକ୍ରମାରେ ନିତାଇ ଗୌରଙ୍କୁ କେଶବ ପ୍ରଧାନ ଧରିଥିବା ବେଳେ ମହେଶ୍ୱର ସା, ସରଜ ଚକ୍ର, ସୁଧାକର ଓଝା, ଶୁକଦେବ ନାୟକ, ସଞ୍ଜୟ ପତି, ଯୀଶୁ ସା ଓ ପ୍ରକାଶ ନାୟକ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ଛେନାପଦୀ ଛକରେ ଥିବା ସମସ୍ତ ବ୍ୟବସାୟୀ ପରିଚାଳନା କରିଥିଲେ।

# ଭାଗବତ ଟୁଙ୍ଗିରେ ଅଙ୍ଗନୱାଡି କେନ୍ଦ୍ର

ରାମଚନ୍ଦ୍ରପୁର,୧୬।୪(ଗଣେଶ୍ୱର ସା)



ଭାଗବତ ଟୁଙ୍ଗିରେ ଦିଦି ପିଲାଙ୍କୁ ପଢ଼ାଉଛନ୍ତି।

ସରକାର ଅଙ୍ଗନୱାଡି କେନ୍ଦ୍ରକୁ ଗୁରୁତ୍ୱଦେଇ ବିଭିନ୍ନ କେନ୍ଦ୍ରରେ କୋଠା ନିର୍ମାଣ କରୁଛନ୍ତି। କୋମଳମତିପିଲାମାନଙ୍କୁପାଠ ପଢ଼ାଇବାର ବ୍ୟବସ୍ଥା କରିବା ସହ କେନ୍ଦ୍ରକୁ ଆସିବା ପାଇଁ ଖେଳ ସାମଗ୍ରୀ ଦିଆଯାଉଛି। ମାତ୍ର କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ଗ୍ରାମର ହରିଜନ ସାହିରେ ଦୀର୍ଘ ୧୦ ବର୍ଷ ହେଲା ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇନାହିଁ। ଫଳରେ ୨୨ ଛାତ୍ରୀଛାତ୍ର ଗ୍ରାମର ଭାଗବତ ଟୁଙ୍ଗିରେ ପଢୁଛନ୍ତି।

ପ୍ରକାଶ ଥାଉକି, ଆନନ୍ଦପୁର ବ୍ଲକ୍‌ର ମହିଳା ଓ ଶିଶୁ ସମନ୍ୱିତ ବିକାଶ ଯୋଜନା ଅଧୀନରେ ଜଳସୁଆଁ ପଞ୍ଚାୟତର ୩ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ଆଜି ସୁଦ୍ଧା ହରିଜନ ସାହି ଅଙ୍ଗନୱାଡି କେନ୍ଦ୍ରକୁ ଘରଟିଏ ମିଳିପାରିଲା ନାହିଁ। ଫଳରେ କୋମଳମତି ଶିଶୁମାନେ ଗ୍ରାମର ଭାଗବତ ଟୁଙ୍ଗିରେ ନିଜ ଭବିଷ୍ୟତ ଗଢୁଥିବା ଦେଖାଯାଇଛି। ଏପରିକି ଅଙ୍ଗନୱାଡି କେନ୍ଦ୍ରର ସ୍ଥାୟୀଗୃହ ନ ଥିବାରୁ କେନ୍ଦ୍ରକୁ ମିଳୁଥିବା ସରକାରୀ ଯୋଜନାର ଚାଉଳ, ଅଣ୍ଡା, ଛତୁଆ ଇତ୍ୟାଦିକୁ କର୍ମୀମାନେ ଏଣେତେଣେ ରଖୁଛନ୍ତି। ଫଳରେ ସେଥିରୁ ବାଟମାରଣ ହେଉଥିବା ଅଭିଯୋଗ ହେଉଛି। ପିଲାମାନଙ୍କୁ ରୋଷେଇକରି ଖାଦ୍ୟଦେବାର ବ୍ୟବସ୍ଥା ଥିବାବେଳେ ରୋଷେଇଘର ନ ଥିବାରୁ କର୍ମୀ ହଇରାଣ ହେଉଛନ୍ତି। ଆନନ୍ଦପୁର ସିଡିପିଓ ସ୍ୱତନ୍ତ୍ର ଦୃଷ୍ଟିଦେଇ ସମସ୍ୟା ସମାଧାନ କରିବାକୁ ମହେନ୍ଦ୍ର ଜେନା, ଶୈଳ ଜେନା, ନିରଞ୍ଜନ ଜେନା, ଲିଟୁ ଜେନା, ସୁନନ୍ଦ ଜେନା, ମଣ୍ଟୁ ଜେନା, କ୍ଷୀରୋଦ ଜେନା, ଭାଗବତ ଜେନା, ଶତ୍ରୁଘନ ଜେନା, ମହେଶ୍ୱର ଜେନା, ଗୟାଧର ଜେନା ଦାବି କରିଛନ୍ତି। ଅଙ୍ଗନୱାଡ଼ି ଦିଦି ବର୍ଷାରାଣୀ ଜେନା କହିଛନ୍ତି, ଏଠାରେ ସୁବିଧା ନ ଥିବାରୁ ଘରୁ ନିଜେ ରୋଷେଇ କରି ଆଣି ପିଲାଙ୍କୁ ଖାଇବାକୁ ଦେଉଛନ୍ତି। ସରପଞ୍ଚ ପ୍ରଶାନ୍ତି ମାଝି କହିଛନ୍ତି, ଲିଖିତ ଆକାରରେ ସିଡିପିଓ ତପସ୍ୱିନୀ ବେସେନ, କେନ୍ଦୁଝର ଜିଲାପାଳ ବିଶାଳ ସିଂଙ୍କୁ ଘର ପ୍ରଦାନ ପାଇଁ ଜଣାଇଛନ୍ତି। ସିଡିପିଓ

### ଘରୁ ରୋଷେଇ କରି ଆଣୁଛନ୍ତି କର୍ମୀ

ତପସ୍ୱିନୀ ବେସେନ କହିଛନ୍ତି, ପିଲାଙ୍କୁ ଭାଗବତ ଟୁଙ୍ଗିରେ ନ ପଢ଼ାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢାଇବାକୁ ଆନନ୍ଦପୁର ବିଇଓଙ୍କୁ ଚିଠି କରାଯାଇଛି। ପ୍ରକାଶଯୋଗ୍ୟ, ଆନନ୍ଦପୁର ବ୍ଲକ୍‌ର ମହିଳା ଓ ଶିଶୁ ସମନ୍ୱିତ ବିକାଶ ଯୋଜନା ଅଧୀନରେ ୨୨୮ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରୁ ୩୫ଟି ମିନି ଅଙ୍ଗନୱାଡି କେନ୍ଦ୍ର ହୋଇଥିବା ବେଳେ ୧୨ଟିର ଗୃହ ନିର୍ମାଣ କରାଯାଇ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ଅପରପକ୍ଷେ ୫ଟି କେନ୍ଦ୍ରରେ ଗୃହ ତିଆରି କରାଯାଇ ଅଙ୍ଗନୱାଡି କେନ୍ଦ୍ର ସମ୍ପୂର୍ଣ୍ଣ ତିଆରି ସରିଛି। ମାତ୍ର ଠିକାଦାର ଟଙ୍କା ପାଇ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କୁ ଚାବିକାଠି ହସ୍ତାନ୍ତର କରୁନାହାନ୍ତି। ବାକି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଛି। ୧ଟି ଅଙ୍ଗନୱାଡି କେନ୍ଦ୍ରରେ ଜାଗା ସମସ୍ୟା ରହିଥିବା ସିଡିପିଓ କହିଛନ୍ତି।

## ଗୋଟିଏ ସେଣ୍ଟରରେ ୨ ଅଙ୍ଗନୱାଡି କେନ୍ଦ୍ରର ପିଲା

କେନ୍ଦୁଝର,୧୬।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ମହେଶ୍ୱରପୁର ଅଙ୍ଗନୱାଡିର ଗୋଟିଏ ଶ୍ରେଣୀ ଗୃହରେ ୨ କେନ୍ଦ୍ରର ପିଲା ପାଠ ପଢୁଥିବା ଦେଖାଯାଇଛି। ଘର୍ ଅଭାବରୁ ଉକ୍ତ ରୁମରେ ଷ୍ଟୋର ସାମଗ୍ରୀ ମଧ ରହିଛି। ଫଳରେ ପାଠ ପଢ଼ା ବ୍ୟାଘାତ ହେବା ସହ ନା ନା ସମସ୍ୟା ସୃଷ୍ଟି ହେଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି।

କେନ୍ଦ୍ରରେ ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ମହେଶ୍ୱରପୁର ଅଙ୍ଗନୱାଡି କେନ୍ଦ୍ର (କ) ଓ (ଖ)ର ୬୧ ଛାତ୍ରୀଛାତ୍ର ପଢୁଛନ୍ତି। ଚମ୍ପୁଆ ବ୍ଲକ୍ କାର୍ଯ୍ୟାଳୟର ନାକ ତଳେ କେନ୍ଦ୍ର ଚାଲୁଥିଲେ ବି ଏଥିପ୍ରତି କାହାର ନଜର ନାହିଁ। ଲୋକ ସଂଖ୍ୟା ଦୃଷ୍ଟିରୁ ଗ୍ରାମରେ ୨ ଅଙ୍ଗନୱାଡି କେନ୍ଦ୍ର ଖୋଲା ଯାଇଥିବା ବେଳେ କେନ୍ଦ୍ର ପାଇଁ କିନ୍ତୁ ଗୃହ ନିର୍ମାଣ ହୋଇନାହିଁ। ଫଳରେ ଗୋଟିଏ ମାତ୍ର ସେଣ୍ଟରରେ ୨ ଅଙ୍ଗନୱାଡି କେନ୍ଦ୍ରର ପିଲା ପଢୁଛନ୍ତି। ଏକ ଛୋଟିଆ ବଖରାରେ ୨ କେନ୍ଦ୍ରର ପିଲାଙ୍କ ପାଇଁ ରୋଷେଇ ହେଉଛି। ଖାଇବା ପାଇଁ ସ୍ଥାନ ଅଭାବ ଯୋଗୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ କେନ୍ଦ୍ରରେ ପାଚେରି, ବିଦ୍ୟୁତ୍ ସଂଯୋଗ, ଟ୍ୟାପ ପାଣି ଏପରିକି ପାଇଖାନା ଓ ପରିସ୍ରାଗାର ଖଣ୍ଡେ ନ ଥିବାରୁ କୁନି କୁନି ପିଲା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୌଚ ହେବା ପାଇଁ ପିଲାମାନେ ଗେଟ୍ ବାହାରରେ ଥିବା ଏକ ବନ୍ଧ ଉପରେ ନିର୍ଭର କରୁଛନ୍ତି। ଯାହାକୁ ନେଇ ଗ୍ରାମରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକ ଓ ଅଭିଭାବକ ଦାବି କରିଛନ୍ତି।

## ବଡବିଲ, ଯୋଡ଼ାରେ ପୋଲିସର ଫ୍ଲାଗମାର୍ଚ୍ଚ



ବଡବିଲ ସହର ରାସ୍ତାରେ ପୋଲିସର ଫ୍ଲାଗମାର୍ଚ୍ଚ।

ବଡ଼ବିଲ(ଦେବପ୍ରିୟ ରଣା)/
ଯୋଡ଼ା(ମାନସ ମହାନ୍ତି),୧୬।୪

କେନ୍ଦୁଝର ଜିଲା ବଡ଼ବିଲ ଥାନା, ଯୋଡ଼ା ପୌରପାଳିକା ଅଞ୍ଚଳରେ ମଙ୍ଗଳବାର ପୋଲିସ ସହର, ମୁଖ୍ୟ ରାସ୍ତାରେ ଫ୍ଲାଗ ମାର୍ଚ୍ଚ କରିଛି। ବଡ଼ବିଲରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ସହିତ ୨୦ ଜଣ ପୋଲିସ ଅଧିକାରୀ ସାମିଲ ହୋଇଥିବା ବେଳେ ଯୋଡ଼ାରେ ୧୦ ପ୍ଲାଟୁନରୁ ଊର୍ଦ୍ଧ୍ୱ ସିଆରପିଏଫ ସାମିଲ ଥିଲେ।

ସୂଚନା ଅନୁଯାୟୀ, ବୁଧବାର ପବିତ୍ର ଶ୍ରୀରାମ ନବମୀ ଉତ୍ସବ। ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ବେଳ ହୁଁ ସାବଧାନ ହୋଇଛି। ଏନେଇ ଗତ ୧୨ ତାରିଖ ଶୁକ୍ରବାର ଦିନ ସ୍ଥାନୀୟ ବିଭିନ୍ନ ହନୁମାନ ମନ୍ଦିର ଗୁଡ଼ିକର ପରିଚାଳନା କମିଟି, ବିଭିନ୍ନ ଥାନରେ ଥିବା ଆଖଡ଼ା ଦଳ ଗୁଡ଼ିକର କର୍ମକର୍ତ୍ତା, ସଦସ୍ୟ ଏବଂ ମୁସଲିମ ସମ୍ପ୍ରଦାୟର ମୁଖ୍ୟଙ୍କୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବଡବିଲ ଥାନା ଇନ୍ସପେକ୍ଟର ରମାକାନ୍ତ ମୁଦୁଲିଙ୍କ ନେତୃତ୍ୱରେ ପୋଲିସ ସହର ମୁଖ୍ୟ ରାସ୍ତା ଦେଇ ଫ୍ଲାଗ ମାର୍ଚ୍ଚ କରି ସମସ୍ତ ମୁଖ୍ୟ ହନୁମାନ ମନ୍ଦିର, ଆଖଡ଼ା ବୁଲି ଦେଖିଥିବା ଜଣାପଡିଛି। ଶ୍ରୀରାମ ନବମୀ ଉତ୍ସବ ନିମନ୍ତେ ବିଭିନ୍ନ ହନୁମାନ ମନ୍ଦିର, ଆଖଡ଼ାଶାଳ, ଛକ ସ୍ଥାନ, ଶୋଭାଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ମୁତୟନ ରହିବେ ବୋଲି ପୋଲିସ କହିଛି। ସେହିପରି ଯୋଡ଼ା ପୌରପାଳିକାର ୩, ୪, ୫ ନମ୍ବର ୱାର୍ଡ଼, ଯୋଡ଼ା ବସ୍‌ଷ୍ଟାଣ୍ଡ, ବିଭିନ୍ନ ବସ୍ତି ଅଞ୍ଚଳରେ ମଧ ପୋଲିସ ତରଫରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ବଡ଼ବିଲ ଏସଡିପିଓ ପ୍ରିୟ ରଞ୍ଜନ ଛୋଟରାୟ ଓ ଯୋଡ଼ା ଆଇଆଇସି ଲୋକେଶ ସାହୁ ସାମିଲ ଥିଲେ ।

## ଜିଲା ଯୁବ ମୋର୍ଚ୍ଚା ସଭାପତିଙ୍କ ସମେତ ପଦାଧିକାରୀଙ୍କ ଇସ୍ତଫା



ଜିଲା ଭାଜପା କାର୍ଯ୍ୟାଳୟ ଆଗରେ ଅସନ୍ତୁଷ୍ଟ।

କେନ୍ଦୁଝର,୧୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ)/
ପାଟଣା (ବୀର କିଶୋର ଦାଶ)

ଭାଜପାର ପାଟଣା ବିଧାନସଭା ଆସନ ପାଇଁ ଅଖିଳଚନ୍ଦ୍ର ନାଏକଙ୍କ ନାମ ଘୋଷଣା ପରେ ଦଳରେ ବିବାଦ ଦେଖାଦେଇଛି। ମଙ୍ଗଳବାର ଦଳୀୟ କର୍ମୀ ଜିଲା ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ହୋ-ହଲ୍ଲା, କରି ପ୍ରାର୍ଥୀ ପରିବର୍ତ୍ତନ ଦାବି କରିଛନ୍ତି। ଜିଲା ଯୁବ ମୋର୍ଚ୍ଚା ସଭାପତି ସବିର ଦାଶଙ୍କ ସମେତ ଜିଲାର ନେତୃବୃନ୍ଦ ସମୂହ ଇସ୍ତଫା ଜିଲା ସଭାପତିଙ୍କୁ ପ୍ରଦାନ କରିଛନ୍ତି।

ଅଖିଳ ଗତ ନିର୍ବାଚନରେ ଭାଜପାରୁ ଟିକେଟ ନ ପାଇବାରୁ ସ୍ୱାଧୀନ ଭାବେ ଲଢ଼ିଥିଲେ। ଏ ନେଇ ଦଳ ତାଙ୍କୁ ନିଲମ୍ବନ କରିଥିଲା। ଚଳିତ ନିର୍ବାଚନରେ ଦଳ ତାଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଦଳୀୟ ଅସନ୍ତୋଷ ଦେଖାଦେଇଛି। ତାଙ୍କ ବିରୋଧରେ ବହୁ ଲୋକଙ୍କଠାରୁ ଘର ଯୋଗାଇ ଦେବା ଏବଂ ରେଲୱେରେ ଚାକିରି କରାଇଦେବା ପାଇଁ ଅର୍ଥ ନେଇଥିବା ଅଭିଯୋଗ ଥିବା ଇସ୍ତଫା ପତ୍ରରେ ଦର୍ଶାଯାଇଛି। ଜିଲା କାର୍ଯ୍ୟାଳୟରେ ପାଟଣା ପାଇଁ ଆଶାୟୀଥିବା ମମିତା ନାଏକଙ୍କ ସମର୍ଥକ ଖୋଲା ଚେତାବନୀ ଦେବା ପରେ ଦଳୀୟ ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଛି। ଇସ୍ତଫାପତ୍ରରେ ଭାଜପା ଜିଲା ଯୁବ ମୋର୍ଚ୍ଚ ଜିଲା ସଭାପତି, ପାଟଣା ବ୍ଲକ୍ ସଂଯୋଜକ ସୁଦର୍ଶନ ମହାନ୍ତ, ଜିଲା ସମ୍ପାଦକ ହେମରଞ୍ଜନ ବାରିକ, ମଣ୍ଡଳ ସଭାପତି ସାହାରପଡ଼ା ବୁଲୁ ବାରିକ, ମଣ୍ଡଳ ସଭାପତି ଉଦୟପୁର ନରହରି ମହାନ୍ତ, କେନ୍ଦେଇପଶି ମଣ୍ଡଳର ସାଧାରଣ ସମ୍ପାଦକ ପ୍ରିୟରଞ୍ଜନ ସିଂ, ଉଦୟପୁର ମଣ୍ଡଳ ସାଧାରଣ ସମ୍ପାଦକ ଆସିକ ହାଁସଦା, କେନ୍ଦେଇପଶି ମଣ୍ଡଳର ସାଧାରଣ ସମ୍ପାଦକ ମଣିଭୂଷଣ ବାରିକ, ମିତ୍ରଭାନୁ ମହାନ୍ତ ପ୍ରମୁଖ ଜିଲା ସଭାପତିଙ୍କ ଜରିଆରେ ରାଜ୍ୟ ସଭାପତିଙ୍କୁ ଇସ୍ତଫା ପତ୍ର ଦେଇଛନ୍ତି। ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କହିଛନ୍ତି, ମଣ୍ଡଳ ସଭାପତି ଓ କେତେକ କର୍ମକର୍ତ୍ତା ଅଖିଳଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଇସ୍ତଫା ଦେଇଛନ୍ତି। ତାହା ଗ୍ରହଣ କରାଯାଇନାହିଁ। ଅଖିଳ ଚନ୍ଦ୍ର ନାୟକ କହିଛନ୍ତି, ମୋ ନାମରେ ହୋଇଥିବା ଅଭିଯୋଗ ମିଥ୍ୟା। ଭାଜପାର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଆମେ ନିର୍ବାଚନ ବୈତରଣୀ ପାର ହେବୁ। ଯେଉଁ ମଣ୍ଡଳ ସଭାପତିମାନେ ଇସ୍ତଫା ଦେବା କଥା କହୁଛନ୍ତି, ମୁଁ ବ୍ୟକ୍ତିଗତ ଭାବେ ସେମାନଙ୍କୁ ବୁଝାଉଛି।

### ଭାଜପାର ପାଟଣା ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ

### ବିଟ୍ ହାଉସ୍‌ରେ ତାଲା ପକାଇଲେ ମହିଳା

ଆନନ୍ଦପୁର,୧୬।୪(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ରେଞ୍ଜ ତନେଇପାଳରେ ଜାଳେଣି କାଠ ନେବାକୁ ବାରଣ କରିବାରୁ ସ୍ଥାନୀୟ ମହିଳା ବିଟ୍ ହାଉସରେ ତାଲା ପକାଇଛନ୍ତି। ମହିଳାମାନେ ଜଙ୍ଗଲରୁ ଜାଳକାଠ ସଂଗ୍ରହ କରୁଥିବା ବେଳେ କାର୍ଯ୍ୟରତ ୱାଚରମାନେ ଏହାକୁ ବାରଣ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ମହିଳାମାନେ ଫରେଷ୍ଟ ବିଟ ହାଉସରେ ତାଲା ପକାଇ ଦେଇଥିଲେ। ଫରେଷ୍ଟର ଲକ୍ଷ୍ମୀଧର କିସ୍କୁ ସମାଧାନ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

### ପୁଟୁଳିଆରେ ଚବିଶ ପ୍ରହର ନାମଯଜ୍ଞ

କେନ୍ଦୁଝର,୧୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପୁଟୁଳିଆରେ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏଥିରେ ବାରିପଦା କରମାଡିହି, କେନ୍ଦୁଝର ଡୁରୁମୁଙ୍ଗା, ତଣ୍ଡୁମୁରିଆ, ପୁଡାସିମିଳା, ଭୁଲଦା, ପୁଟଳ ଆଦି ୬ଟି ଦଳ ନାମ ସଙ୍କୀର୍ତ୍ତନ ପରିବେଷଣ କରୁଛନ୍ତି। ବୁଧବାର ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅଖଣ୍ଡମଣି ଦାସ, ଧରଣୀଧର ଦାସ, ଶୁକଦେବ ଦାସ, ବିରକିଶୋର ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।

## ୯୦ ମେଟ୍ରିକ ଟନ୍‌ର ଲୁହାପଥର ଗୁଣ୍ଡ ଜବତ, ୧୧ ଗିରଫ

ଯୋଡ଼ା,୧୬।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ପୋଲିସ ନୟାଗଡ଼ ରେଲସାଇଡିଂ ନିକଟସ୍ଥ ଜଙ୍ଗଲରୁ ୯୦ ମେଟ୍ରିକ ଟନ୍‌ର ଗୁଣ୍ଡ ଲୁହାପଥର ବୋଝେଇ ୩ ଟ୍ରେଲର ଜବତ କରିଛି। ଏଥିସହ ଗୋଟିଏ ଜେସିବି ମେଶିନ, ୩ ବାଇକ, ୧୩ ମୋବାଇଲ ଜବତ କରଛି। ଚୋରା କାରବାରରେ ସମ୍ପୃକ୍ତ ୧୧ଜଣଙ୍କୁ ପୋଲିସ ଗିରଫ କରିଥିବା ବାମେବାରି ଆଇଆଇସି ଦୀପ୍ତିରଞ୍ଜନ ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ନୟାଗଡ଼ ରେଲସାଇଡିଂ ନିକଟ ଜଙ୍ଗଲରେ ଚୋରା ଲୁହାପଥର ବୋଝେଇ ହେଉଥିବା ଖବର ପାଇ ଚଢ଼ାଉ କରିଥିଲା। ପୂର୍ବରୁ ଗଚ୍ଛିତ ଥିବା ଲୁହାପଥର ଗୁଣ୍ଡକୁ ଦୁର୍ବୃତ୍ତ ଜେସିବି ମେଶିନ ସାହାଯ୍ୟରେ ବୋଝେଇ କରୁଥିବା ଟ୍ରେଲର ନଂ. ଆର୍‌ଜେ ୨୭ ଜି ବି ୮୫୨୮, ଆର୍‌ଜେ ୨୭ ଜିସି ୨୭୨୮ ଓ ଜେଏଚ୍‌ଏଲ ୬୩୨୨ ଓ ଜେସିବି ନଂ. ଓଡି ୧୯ଟି ୪୫୫୩କୁ ଜବତ କରିଥିଲା। ଉକ୍ତ ୩ଟି ଟ୍ରେଲରରେ ବୋଝେଇ ଗୁଣ୍ଡ ଲୁହାପଥରର ଆନୁମାନିକ ମୂଲ୍ୟ ୬ ଲକ୍ଷ ହେବ ବୋଲି ଜଣାପଡ଼ିଛି। ଚୋରା କାର୍ଯ୍ୟରେ ସମ୍ପୃକ୍ତ ୧୧ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯୋଡ଼ା ତଳକ ହଟିଂର ସୋମ ମଲ୍ଲିକ, ଉତ୍ତର ପ୍ରଦେଶର ଡ୍ରାଇଭର ଗୁଡୁ କୁମାର ରାଜଭୋଗ, ମୟୂରଭଞ୍ଜ ଜିଲାର ସୁରଜ ମହାନ୍ତ, ପଳଶା ଅଞ୍ଚଳର ସୁରେଶ ବାରିକ, ଜଳପାପଶିର ଈଶ୍ୱର ଚନ୍ଦ୍ର ମହାନ୍ତ, ବିଶୋଇ ଅଞ୍ଚଳର ପ୍ରଦୀପ ହୋତା, ଯୋଶିପୁରର ସଚିକାନ୍ତ ବିନ୍ଧାଣୀ, ଆଶିଷ ଅନସାରୀ, ହିମାଚଳ ପ୍ରଦେଶର ଡ୍ରାଇଭର ଶ୍ୟାମଲାଲ, ପଞ୍ଜାବର ବୁଟା ସିଂ ଓ ନୟାଗଡ଼ର ମନ୍ମଥ ନାଏକ। ଅଭିଯୁକ୍ତ ଚୋରି କାର୍ଯ୍ୟରେ ବ୍ୟବହାର କରୁଥିବା ୩ ବାଇକ୍ (ନଂ. ଓଡି ୧୧ ଏଫ୍ ୧୨୮୨, ଓଡି ୦୯ ଏସ୍ ୦୯୫୨, ଓଡି ୦୯ ଏକ୍ସ ୮୧୦୫) ଓ ୧୩ ମୋବାଇଲ ଜବତ କରିବା ସହିତ ଜାଲ ଚାଲାଣ, ୱେ ବିଲ୍‌କୁ ଜବତ କରିଛି। ଏ ନେଇ ବାମେବାରି ପୋଲିସ ଏକ ମାମଲା (ନଂ. ୧୩୩/୨୦୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସାହୁ ସୂଚନା ଦେଇଛନ୍ତି।

## ଭାଜପା ଜିଲା ଆଦିବାସୀ ମୋର୍ଚ୍ଚାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ



ଭାଜପାରେ ଯୋଗଦେଇଥିବା ଅନ୍ୟଦଳର କର୍ମୀ।

କେନ୍ଦୁଝର,୧୬।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଭାଜପା ଆଦିବାସୀ ମୋର୍ଚ୍ଚାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ଭାଜପା ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ଆଦିବାସୀ ମୋର୍ଚ୍ଚାର ସଭାପତି କମଳାକାନ୍ତ ସିଂହଙ୍କ ନେତୃତ୍ୱରେ ଦଳର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ, ସଦର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ, ପାଟଣା ବିଧାୟକ ପ୍ରାର୍ଥୀ ଅଖିଳଚନ୍ଦ୍ର ନାଏକ, ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ଯୋଗଦେଇ ଆଦିବାସୀ ସମାଜକୁ ଜାଗିବାକୁ ପଡ଼ିବ ଏବଂ ସଚେତନ ହେବାକୁ ପଡ଼ିବ, ରାଜ୍ୟ ସରକାରଙ୍କ ଅବହେଳା ବିରୋଧରେ ଏକଜୁଟ ହୋଇ ଜବାବ ଦେବାକୁ ପଡ଼ିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଆଦିବାସୀ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧାର୍ଥ ସିଂହ, ଜିଲାପରିଷଦ ସଦସ୍ୟ ଦମ୍ବୁରୁଧର କୁଡ଼ା, ଜିଲା ଆଦିବାସୀ ମୋର୍ଚ୍ଚାର ପ୍ରଭାରୀ ମାନସ ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପିତାମ୍ବର ମାଝୀ, ପୁରୁଷୋତ୍ତମ ଗଗରାଇ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୁଖ ମଞ୍ଚାସିନ ଥିଲେ। ଆଦିବାସୀ ମୋର୍ଚ୍ଚାର ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାଏକ ଓ ମାଟୁରାମ ମୁଣ୍ଡା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ସହରର ବିଭିନ୍ନ ୱାର୍ଡ଼ରୁ ବୀରେନ୍ଦ୍ର ବେହେରା, ଗିରିଶଚନ୍ଦ୍ର ମହାନ୍ତ, ପରେଶ ଜେନା, ଶ୍ୟାମ ମାଝୀ, ରାମଚନ୍ଦ୍ର ବିଶ୍ୱାଳ, ବିଶ୍ୱଜିତ ବେହେରା ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି।

## ଭୋଟ ଦେବାକୁ ସଚେତନତା




ଶୋଭାଯାତ୍ରାରେ ଯୋଗଦେଇଥିବା ଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକ।

ଢେଙ୍କିକୋଟ(ନୀଳମଣି ମଣ୍ଡଳ)/
ଚମ୍ପୁଆ(ମହେଶ୍ୱର ଦାସ),୧୬।୪

କେନ୍ଦୁଝର ଜିଲା ଢେଙ୍କିକୋଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସାଧାରଣ ନିର୍ବାଚନରେ ଭୋଟ ଦେବା ପାଇଁ ସଚେତନ କରାଇଛନ୍ତି। ଛାତ୍ରୀମାନେ ବିଦ୍ୟାଳୟ ପରିସରରୁ ଧାଡ଼ିରେ ବ୍ୟାନର ଓ ପ୍ଲାଗକାର୍ଡ ଧରି ଖଣ୍ଡଘର ପଞ୍ଚାୟତର ଖଣ୍ଡଘର, ମହୁଲଗାଡ଼ିଆ, କାଶିବେଡ଼ା ଆଦି ଗ୍ରାମକୁ ଯାଇ ରାଜ୍ୟରେ ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ କରିବା ପାଇଁ ଦେଶର ସମସ୍ତ ନାଗରିକ ସାମିଲ ହୁଅନ୍ତୁ ଏବଂ ନିଜର ଭୋଟ ସାବ୍ୟସ୍ତ କରି ସୁଶାସକ ବାଛିବାରେ ହେଳା କରନ୍ତୁ ନାହିଁ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ନାୟକ, ଶିକ୍ଷୟିତ୍ରୀ ମମତାରାଣୀ ସାହୁ, ପଦ୍ମାବତୀ ମଲ୍ଲିକ, ଦେବଦାସୀ ନିବେଦିତା, କଳ୍ପନା ମହାନ୍ତ, ତିଳତ୍ତମା ଦେଇ, ଜଗନ୍ନାଥ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଚମ୍ପୁଆ ଉପ ଡାକଘରର କର୍ମଚାରୀମାନଙ୍କ ଦ୍ୱାରା ଭୋଟର ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଡାକ ନିରୀକ୍ଷକ ପିତାମ୍ବର ଦଣ୍ଡସେନା, ଶଙ୍କର ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୧୫ ଜଣରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ଗ୍ରାମୀଣ ଡାକ କର୍ମଚାରୀ ଶୋଭାଯାତ୍ରାରେ ସହର ପରିକ୍ରମା କରି ୨୦୨୪ ନିର୍ବାଚନରେ ଭୋଟ ହାର ବୃଦ୍ଧି କରିବା, ବିଶେଷ ଭାବରେ ଯୁବପିଢିଙ୍କୁ ଭୋଟଦାନ କ୍ଷେତ୍ରରେ ସଚେତନତା କରିଥିଲେ।

## ଦର୍ଶକଙ୍କ ମନମୋହିଲା ସମ୍ବଲପୁରୀ ନୃତ୍ୟ

ଘଟଗାଁ,୧୬।୪
(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ମା' ତାରିଣୀଙ୍କ ଚଇତିପର୍ବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପୀଠରେ ଭିଡ଼ ପରିଲକ୍ଷିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ବରିଷ୍ଠ ପୂଜକ ଯଯାତୀ ଦେହୁରୀ, ଶ୍ୟାମସୁନ୍ଦର ଦେହୁରୀ, ନଟବର ଦେହୁରୀ, ପ୍ରଦୀପ ଦେହୁରୀ, ରବିନାରାୟଣ ଦେହୁରୀ, ସଦାନନ୍ଦ ଦେହୁରୀ ସମେତ ୧୫ରୁ ଊର୍ଦ୍ଧ୍ୱ ପୂଜକ ମା'ଙ୍କ ଷୋଡଶ ଉପଚାର କରିବା ପରେ ବଡସିଂହାର ପୂଜା, ମଙ୍ଗଳ ଆଳତୀ କରିଥିଲେ। ପରେ ମା'ଙ୍କ ସୁନାବେଶ କରାଯାଇଥିଲା। ଉଦ୍‌ଯାପନ ଉତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ ମା' ତାରିଣୀ ସ୍ୱର ସଙ୍ଗୀତ ତରଫରୁ ନାଚଗୀତ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀ ଜଗନ୍ନାଥ ଭଜନ ସନ୍ଧ୍ୟା ଦେଓଗାଁ ତରଫରୁ ନୃତ୍ୟ ପରିବେଷଣ ହୋଇଥିଲା। ତୃତୀୟ ପର୍ଯ୍ୟାୟରେ ସମ୍ବଲପୁର ଭାଣିନୀ ପ୍ରଜ୍ଞା କଲଚରାଲ ଏକାଡେମୀ ଦ୍ୱାରା ସମ୍ବଲପୁରି ନୃତ୍ୟ ବେଶ ମନଛୁଆଁ ହୋଇଥିଲା। ନାଚ ସହ ସମ୍ବଲପୁର ବାଦ୍ୟ ମଞ୍ଚକୁ ଦୁଲୁକେଇ ଦେଇଥିଲା। ସନ୍ଧ୍ୟାରେ ଢେଙ୍କାନାଳ ଜିଲାର ବିପିନ ବିହାରି ସାମଲ ପ୍ରବଚନ ଦେଇଥିବା ବେଳେ ରାତ୍ରରେ ଗାୟକ ଶିଶିର ପାଢ଼ୀ ଓ ତୁଳସୀ ମହାନ୍ତ ବାଦୀପାଲା ପରିବେଷଣ କରିଥିଲେ। ଚଇତି ପର୍ବ ୭ ଦିନ ଧରି ମନ୍ଦିର ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା।

### ମା' ତାରିଣୀଙ୍କ ଚଇତିପର୍ବ ଉଦ୍‌ଯାପିତ



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ମରାମତି ହେଉନି ପାଇପ ଲାଇନ୍

ଚମ୍ପୁଆ,୧୬।୪(ମହେଶ୍ୱର ଦାସ)



ୱାର୍ଡ ମଧ୍ୟରେ ଭାସୁଥିବା ପାନୀୟ ଜଳ।

ଦିନକୁ ଦିନ ପାରଦ ବଢ଼ିବାକୁ ଲାଗିଥିବା ବେଳେ ଆଗକୁ ଜଳ ଶଙ୍କଟ ଦେଖାଯିବା ସମ୍ଭାବନା ରହିଛି। ଏଭଳି ପରିସ୍ଥିତିରେ ଚମ୍ପୁଆ ଏନ୍‌ଏସିର ପାନୀୟ ଜଳ ଯୋଗାଣ ପାଇପ ଫାଟି ଅନେକ ହଜାର ଲିଟର ଜଳ ଗାଁ ୱାର୍ଡ ଦାଣ୍ଡରେ ବହି ନଷ୍ଟ ହେଉଛି।

ସୂଚନା ଅନୁଯାୟୀ, ଚମ୍ପୁଆ ଏନ୍‌ଏସିରେ ୧୩ ଗୋଟି ୱାର୍ଡରେ ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। କିଛି ଦିନ ତଳେ ଏନଏସିର ୮ ନମ୍ବର ୱାର୍ଡର ମୁଖ୍ୟ ରାସ୍ତାରେ ନୂତନ ପାଇପ ବିଛାଇ ପାନୀୟ ଜଳ ଯୋଗଇ ଦିଆଯାଇଥିଲା। ମାତ୍ର ଏହି ସଂଯୋଗୀ ପାଇପ ଆଜକୁ ୧୫ ଦିନ ହେବ ଫାଟି ନିୟମିତ ଭାବେ ପାନୀୟ ଜଳ ରାସ୍ତା ଉପରେ ଭାସୁଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ହୃଷିକେଶ ମହାନ୍ତଙ୍କୁ ପଚାରିବାରୁ, ଅଭିଯୋଗ ପାଇଛି, ୨ ଦିନ ମଧ୍ୟରେ ପାଇପ ମରାମତି କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

